


# କରୋନା କାଳର କଥା

କରୋନା ସମୟରେ ସ୍ୱାତୀ ଅନୁଷ୍ଠାନ ଦ୍ୱାରା ନିଆଯାଇଥିବା କିଛି ପ୍ରଚେଷ୍ଟାର କାହାଣୀ




# କରୋନା କାଳର କଥା

**ପ୍ରକାଶକ :**

**ସ୍ୱାତୀ**

ସୋସିଆଲ୍ ୱେଲ୍‌ଫେୟାର ଏଜେନ୍‌ସି ଆଣ୍ଡ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍

ମାଲେରିମାହା, ପାବୁରିଆ, କନ୍ଧମାଳ – ୭୬୨୧୧୨, ଓଡିଶା

Email: swati_pab@yahoo.co.in

Website: www.swatiodisha.org

**ସଂପାଦନା-** ମୃତ୍ୟୁଞ୍ଜୟ ବେହେରା,

କଳିଙ୍ଗ ବିହାର, ଭୁବନେଶ୍ୱର


**ପ୍ରକାଶନ ସମୟ**

ଅଗଷ୍ଟ ୨୦୨୧

# ସୂଚୀପତ୍ର


| ବିଷୟ | ପୃଷ୍ଠା |
| --- | --- |
| କରୋନା କାଳର କଥା | ୩ |
| କରୋନା କାଳୀନ ବନ୍ଦ ସମୟରେ ରାସନ ଯୋଗାଣ ଦାୟିତ୍ୱ ନେଲେ ସ୍ୱୟଂସହାୟିକା ଦଳ | ୬ |
| ମହିଳାଦଳ ପ୍ରସ୍ତୁତ କଲେ ହାତଧୁଆ ସାମଗ୍ରୀ | ୮ |
| ଏମ୍.ଜି.ଏନ୍.ଆର୍. ଜି.ଏ କାମରେ ପ୍ରାପ୍ୟ ମଜୁରୀ ଫେରି ପାଇଲେ ଯୌନକର୍ମୀ | ୧୦ |
| କରୋନା କାଳରେ ବବିତାଙ୍କ ପରିବାରକୁ ଖାଦ୍ୟସୁରକ୍ଷା ଦେଲା ପୁଷ୍ଟି ବଗିଚା | ୧୧ |
| କରୋନା ସମୟରେ ରୋଜଗାର ସୁଯୋଗ ଦେଲା କାରୁକଳା | ୧୩ |
| କାମ୍ରିର ପରିବାରକୁ କରୋନା ସମୟରେ ସାହା ହେଲା ପୁଷ୍ଟି ବଗିଚା | ୧୫ |
| କରୋନା କାଳରେ ଝୁଡଙ୍ଗ ଚାଷରୁ ରୋଜଗାର ପାଇଲେ ଗିରିଧାରୀ | ୧୬ |
| କରୋନା ନିୟନ୍ତ୍ରଣ ପାଇଁ ମାସ୍କ ପ୍ରସ୍ତୁତ କଲେ ମା ଗୋଜବାୟାଣୀ ମହିଳା ଦଳ | ୧୮ |
| ଘରବାହୁଡା ପ୍ରବାସୀ ଶ୍ରମିକଙ୍କ ପାଇଁ ଗାଁରେ ରୋଜଗାରର ବାଟ ଦେଖାଇଲେ ରାମଚନ୍ଦ୍ର | ୨୦ |
| ଖଲି ତିଆରିର ପ୍ରାପ୍ୟ ମୂଲ୍ୟ ପାଇଲେ ଆରାଲୁ | ୨୨ |
| କରୋନା ସମୟରେ ରୋଜଗାର ସହାୟତା ଦେଲା ଝାଡୁ ସଂଗ୍ରହ | ୨୩ |
| ଗ୍ରାମୀଣ ମହିଳା ମାନଙ୍କୁ ରୋଜଗାର ସୁଯୋଗ ଦେଲା ଛତୁଚାଷ | ୨୫ |
| କାରୁକାର୍ଯ୍ୟପୂର୍ଣ୍ଣ ବାଉଁଶ କାମ ଦେଲା ରୋଜଗାର ସହାୟତା | ୨୬ |
| କରୋନା ସମୟରେ ରୋଜଗାର ସୁବିଧା ଦେଲା କୁକୁଡା ପାଳନ | ୨୮ |
| ସୁକାନ୍ତିର ସ୍ୱପ୍ନ ସାକାର ହେଲା | ୨୯ |
| କରୋନା ସମୟରେ ରୋଜଗାର ସହାୟତା ଦେଲା ଗୋଷ୍ଠୀଗତ ମାଛଚାଷ | ୩୦ |
| କରୋନା କାଳୀନ ଅଭାବଗ୍ରସ୍ତ ଚାଷୀଙ୍କୁ ବାଟ ଦେଖାଇଲେ ପଞ୍ଚାନନ | ୩୧ |
| ଲକ୍‌ଡାଉନ୍ ଶିଖାଇଲା ରୋଜଗାରର ରାସ୍ତା | ୩୪ |
| କରୋନା ସମୟରେ ଗାଁର ବୟସ୍କ ମାନଙ୍କୁ ମାନସିକ ବଳ ଦେଲେ ଉଷାରାଣି | ୩୫ |
| ଲୋକନୃତ୍ୟ ମାଧମରେ କରୋନା ସଚେତନତା | ୩୭ |
| ଗର୍ଭବତୀ ଓ ଅସହାୟ ରୋଗୀ ମାନଙ୍କୁ ସହାୟତା କଲା ବାଇକ୍ ଆମ୍ବୁଲାନ୍ସ | ୩୮ |
| କରୋନା ସଚେତନତା ସୃଷ୍ଟି କଲେ ମହିଳା ଓ କିଶୋରୀ ଦଳ | ୪୦ |
| କରୋନା ବେଳେ ଶିଶୁ ମାନଙ୍କ ପାଇଁ ସୃଜନଶୀଳ ଶିକ୍ଷା | ୪୨ |
| ଚାଷୀ ଓ ଖାଉଟିଙ୍କ ସୁବିଧା ଯୋଗାଇଲା ଭ୍ରାମ୍ୟମାଣ ପରିବା ବିକ୍ରୟ କେନ୍ଦ୍ର | ୪୪ |

# କରୋନା କାଳର କଥା



ଗତ ଡିସେମ୍ବର ୩୧ ତାରିଖ ୨୦୧୯ ମସିହାରେ ଚୀନ୍‌ର ୟୁହାନ ପ୍ରଦେଶରେ ପ୍ରଥମେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ଖବର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ସୂଚନା ମିଳିଥିଲା । ଏହାପରେ ଚୀନ୍‌ରେ ଏହାର ସଂକ୍ରମଣ ବଢ଼ିବା ସହିତ ସାରା ପୃଥିବୀର ବିଭିନ୍ନ ଦେଶକୁ ବ୍ୟାପି ଯାଇଥିଲା । ଭାରତରେ ପ୍ରଥମେ ୨୦୨୦ ମସିହା ଜାନୁୟାରୀ ମାସରେ ୟୁହାନ ବିଶ୍ୱବିଦ୍ୟାଳୟରେ ପଢୁଥିବା ଜଣେ କେରଳୀ ଛାତ୍ର ଦେହରେ ଏହା ଚିହ୍ନଟ ହେଲା । ଏହା ମଧ୍ୟରେ ବିଭିନ୍ନ ସଂକ୍ରମିତ ଦେଶରୁ ପ୍ରବାସୀ ଭାରତୀୟ ମାନେ ଦେଶ ଭିତରକୁ ଆସିବାରେ ଲାଗିଲେ । ଦେଶରେ କରୋନା ସଂକ୍ରମଣ ଧିରେ ଧିରେ ବଢ଼ିବାକୁ ଲାଗିବାରୁ ସରକାର ମାର୍ଚ୍ଚ ୨୪ ତାରିଖରେ ସାରା ଦେଶରେ ୨୧ ଦିନ ପାଇଁ ତାଲାବନ୍ଦ ଘୋଷଣା କଲେ । ପର୍ଯ୍ୟାୟକ୍ରମେ ଏହି ତାଲାବନ୍ଦ ମେ ମାସ ୩୧ ତାରିଖ ପର୍ଯ୍ୟନ୍ତ ବଢ଼ିଚାଲିଲା । ଏହାଦ୍ୱାରା ସାରା ଦେଶର ଜନଜୀବନ ଅଚଳ ହୋଇଗଲା ଓ ଲୋକମାନେ ପରିସ୍ଥିତିକୁ ଆକଳନ କରି ଭିତତ୍ରସ୍ତ ହୋଇପଡିଲେ ।

ଆମ ଓଡିଶାରେ ମଧ କରୋନା ଧିରେ ଧିରେ ତାର କାୟା ବିସ୍ତାର କରିବାରେ ଲାଗିଲା । ପ୍ରବାସୀ ଓଡିଆ ମାନେ ଗାଁ ମାଟିକୁ ଫେରିବା ଦ୍ୱାରା କରୋନା ସଂକ୍ରମଣ ଅହେତୁକ ଭାବେ ବଢ଼ିଗଲା । ଯଦିଓ ସେମାନଙ୍କୁ ଗାଁରେ ପଶିବା ପୂର୍ବରୁ ସଙ୍ଗରୋଧ କେନ୍ଦ୍ରରେ ରଖିବା, କରୋନା ଚିହ୍ନଟିକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ କରୋନା ଚିକିତ୍ସା କେନ୍ଦ୍ର ଆଦି ବ୍ୟବସ୍ଥା ମାନ ସରକାରଙ୍କ ତରଫରୁ ଗ୍ରହଣ କରାଗଲା ତଥାପି ମହାମାରୀର ପ୍ରକୋପ ସମ୍ବାଦ ଶୁଣି ଲୋକମାନେ ବହୁମାତ୍ରାରେ ଆତଙ୍କିତ ହୋଇପଡିଲେ । ଏହି ଅଚଳ ପରିସ୍ଥିତି ଲୋକମାନଙ୍କ ଶାରିରୀକ, ସାମାଜିକ ଓ ଆର୍ଥିକ ପରିସ୍ଥିତିକୁ ଶୋଚନୀୟ କରିଦେଲା । ଏପରି ଏକ ପରିସ୍ଥିତି ଯେ ଦିନେ ସାମ୍ନା କରିବାକୁ ପଡିବ ତାହା କେହି କେବେ କଳ୍ପନା କରିନଥିଲେ । ତେଣୁ ଏ ସଂପର୍କରେ କେହି ସଚେତନ ନଥିଲେ କିମ୍ବା କୌଣସି ପୂର୍ବ ପ୍ରସ୍ତୁତି ନଥିଲା । ଏହି ପରିସ୍ଥିତିକୁ ସାମ୍ନା କରିବାକୁ ଏକ ସମାଜସେବା ସଂଗଠନ ହିସାବରେ ସ୍ୱାତୀର ଅନେକ ଦାୟିତ୍ୱ ଥିଲେ ମଧ ପ୍ରତିବନ୍ଧକ ବି ବହୁତ ରହିଥିଲା । ଗାଁ ଗୁଡିକୁ ଯିବା ଆସିବାରେ କଟକଣା, ରୋଗର ଭୟାବହତାକୁ ନଜରକୁ ନେଇ ନିଜର ସୁରକ୍ଷା, ସମ୍ବଳ ସଂଗ୍ରହ ଓ ପରିଚାଳନାର ସମସ୍ୟା ଆଦି ନାନାବିଧ ସଂକଟ ରହିଥିଲା । ରୋଗ, ଏହାର ସଂକ୍ରମଣ ଓ ପ୍ରତିଷେଧ ବିଷୟରେ ଗୋଷ୍ଠିକୁ ସଚେତନ କରିବା, ଲୋକଙ୍କୁ ମାନସିକ ଭାବେ ଦୃଢ଼ କରିବା, ସେମାନଙ୍କ ଜୀବନଜୀବିକାକୁ ସଚଳ କରିବା, ଗାଁକୁ ଫେରିଆସିଥିବା ପ୍ରବାସୀ ମାନଙ୍କ ପାଇଁ କାମଧନ୍ଦାର ବ୍ୟବସ୍ଥା କରିବା, ସ୍ୱାସ୍ଥ୍ୟ ଶିକ୍ଷା ଆଦି ବ୍ୟବସ୍ଥା ଗୁଡିକୁ ସଜ୍ଜିବିତ ରଖିବା ଆଦି ଅନେକ କାର୍ଯ୍ୟ କରିବାକୁ ଥିଲା ।

କରୋନା କଟକଣା ସମୟରେ ସ୍ୱାତୀର କର୍ମିମାନେ ସରକାର ଓ ପ୍ରଶାସନ ନେଉଥିବା ପଦକ୍ଷେପ ଗୁଡିକରେ ସାମିଲ ହେଲେ । କଟକଣା ଆଂଶିକ କୋହଳ ହେବାପରେ ସ୍ୱାତୀ ତାର କାର୍ଯ୍ୟକ୍ରମ ଗୁଡିକ ନୀୟମିତ କରିବା ସହିତ ନିଜ ସମ୍ବଳ ଓ ସାମର୍ଥ୍ୟକୁ ନେଇ କୋଭିଡ୍ ସହାୟତା କାର୍ଯ୍ୟକ୍ରମ ଗ୍ରହଣ କରିଛି ।

- ୧୭ଟି ସରକାରୀ ପରିଚାଳିତ ଶିଶୁ ଆବାସ କେନ୍ଦ୍ରର ୧୧୯୫ ପିଲାଙ୍କ ପାଇଁ ହାତଧୁଆ ସାମଗ୍ରୀ, ସାନିଟାଇଜର୍, ମାସ୍କ ଓ ସାବୁନ୍ ଆଦି ଯୋଗାଇ ଦିଆଯାଇଛି ।
- ୧୫୧୦ଟି ଅସହାୟ ପରିବାରକୁ ରାସନ ସାମଗ୍ରୀ ଯୋଗାଇ ଦିଆଯାଇଛି ।
- ମହିଳା ଦଳ ଓ କିଶୋରୀ ଦଳ ଗୁଡିକ ୯୦୦୦ ମାସ୍କ ତିଆରି କରି ଅସହାୟ ଓ ଅଭାବୀ ପରିବାର ଗୁଡିକୁ ବ□ନ କରିବା ସହିତ ସେଥିମଧ୍ରୁ ୫୦୦୦ ମାସ୍କ ତିଆରି ମୂଲ୍ୟରେ ବିକ୍ରି କରିଛନ୍ତି ।
- କୀଶୋରୀ ବାଳିକା ମାନଙ୍କୁ ୫୦୦ ସାନିଟାରୀ ନାପ୍‌କିନ୍ ବଣ୍ଟନ କରାଯାଇଛି ।
- ୧୬୦୦ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କୁ ସୃଜନଶୀଳ ଶିକ୍ଷା ବ୍ୟବସ୍ଥା କରାଯାଇଛି ।
- ଟିକାବାଲି ବ୍ଲକ୍‌ର ୪୬୦ ପ୍ରାକ୍ ବିଦ୍ୟାଳୟ ଶିଶୁ ଓ ୩୭୦ ପ୍ରାଥମିକ ବିଦ୍ୟାଳୟ ଶିଶୁଙ୍କୁ ଘରୋଇ ଶିକ୍ଷା ବ୍ୟବସ୍ଥା କରାଯାଇଛି ।
- ୨୧୫ଟି ପରିବାର ସହ ମିଶି ଶିଶୁ ମାନଙ୍କ ପାଇଁ ଶିକ୍ଷଣ ସାମଗ୍ରୀ ତିଆରି କରାଯାଇଛି ।
- ୭୧୪ଟି ଗାଁରେ ପୋଷ୍ଟର, ବ୍ୟାନର ଆଦି ଜରିଆରେ କରୋନା ସଚେତନତା ସୃଷ୍ଟି କରାଯାଇଛି ।
- ଭ୍ରାମ୍ୟମାଣ ପରିବା ଓ ରାସନ ବିକ୍ରୟ ଗାଡି ସହାୟତାରେ କନ୍ଧମାଳର ୪ଟି ବ୍ଲକ୍ ଅଂଚଳରେ ୨୭ ଦିନଯାଏ ପରିବା ସଂଗ୍ରହ ଓ ବିକ୍ରି ବ୍ୟବସ୍ଥା କରାଯାଇଛି ।
- ବାଇକ୍ ଆମ୍ବୁଲାନ୍ସ, ଡେଲିଭରି ଭ୍ୟାନ୍ ଓ ମାତୃଗୃହ ଜରିଆରେ ୧୧୨ ଜଣ ଗର୍ଭବତୀ ମହିଳାଙ୍କୁ ପ୍ରସବ ସହାୟତା ଯୋଗାଇ ଦିଆଯାଇଛି ।
- ବାଡିରେ ପରିବା ବଗିଚା ସୃଷ୍ଟି ପାଇଁ ୩୭୯ ଜଣଙ୍କୁ ବିହନ ଯୋଗାଇ ଦିଆଯାଇଛି ।
- କନ୍ଧମାଳର ୭ଟି ବ୍ଲକ୍ ଅଂଚଳରେ ୬୦୦ ଚାଷୀଙ୍କୁ ଆଇ.ଟି.ଡି.ଏ ସହାୟତାରେ ପନିପରିବା ବିହନ ଯୋଗଇ ଦିଆଯାଇଛି ।
- ଫେରିଆସିଥିବା ୬୦୦ ପ୍ରବାସୀ ଶ୍ରମିକ ପରିବାରକୁ ଆଳୁଚାଷ ପାଇଁ ୨୦୦୦ କ୍ୱିଣ୍ଟାଲ୍ ଆଳୁ ବିହନ ରିହାତି ଦରରେ ଯୋଗାଇ ଦିଆଯାଇଛି ।
- ଅସହାୟ ଓ ଅତି ଗରୀବ ଲୋକମାନଙ୍କୁ ୧୭ ଦିନ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି ।
- ବୁଲା ପଶୁମାନଙ୍କୁ ୭ ଦିନ ପର୍ଯ୍ୟନ୍ତ ଖାଦ୍ୟ ଯୋଗାଇ ଦିଆଯାଇଛି ।

- ୨ଟି କୋଭିଡ୍ ଚିକିତ୍ସା କେନ୍ଦ୍ରରେ ସ୍ୱେଚ୍ଛାସେବୀ ନିୟୋଜିତ କରାଯାଇଛି ।
- ୫୬୭ଟି ପ୍ରବାସୀ ଶ୍ରମିକ ପରିବାରକୁ କରୋନା କାଳୀନ ସମସ୍ୟାକୁ ସମ୍ମୁଖିନ ହେବାପାଇଁ ଓ ମାନସିକ ଦୃଢ଼ତା ଆଣିବା ପାଇଁ ପରାମର୍ଶ ଦିଆଯାଇଛି ।
- ଗ୍ରାମସ୍ତରୀୟ ଖାଉଟି ସାମଗ୍ରୀ ଓ ପାଠ୍ୟପୁସ୍ତକ ବିତରଣରେ ସ୍ୱେଚ୍ଛାସେବୀ ମାନେ ସହାୟତା କରିଛନ୍ତି ।
- ଏଚ୍. ଆଇ.ଭି ଏଡ୍ସ ଚିକିତ୍ସିତ ବ୍ୟକ୍ତି ମାନଙ୍କୁ ନୀୟମିତ ଔଷଧ ଓ ସ୍ୱାସ୍ଥ୍ୟସେବା ଯୋଗଇ ଦିଆଯାଇଛି ।
- ଗ୍ରାମବାସୀ ମାନଙ୍କୁ ମନରେଗା ରେ କାମ ପାଇଁ ସଂଗଠିତ କରାଯାଇଛି ।
- ରକ୍ତଦାନ ଶିବିର କରାଯାଇ ୨ ୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି ।
- ମୋବାଇଲ୍ ବାଣୀ ମାଧମରେ କରୋନା ସଚେତନତା ସୃଷ୍ଟି କରାଯାଇଛି ।
- ୨ ୧ଟି ଅତି ଅସହାୟ ବ୍ୟକ୍ତିଙ୍କୁ ୫୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯାଇଛି ।
- ୫୦୦ ମାଣ୍ଡିଆ ଚାଷୀଙ୍କ ଠାରୁ ଶସ୍ୟ ସଂଗ୍ରହ କରାଯାଇଛି ।
- ଗାଁରୁ ବ୍ଲକ ପର୍ଯ୍ୟନ୍ତ କରୋନା ଯୋଦ୍ଧା ମାନଙ୍କୁ ସମ୍ମାନୀତ କରାଯାଇଛି ।
- ପରିବାର ଗୁଡିକୁ ସାନିଟାଇଜ୍ କିଟ୍ ପ୍ରଦାନ କରାଯାଇଛି ।
- କରୋନା ସଂପର୍କରେ ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗୀତା କରି ସଚେତନତା ସୃଷ୍ଟି କରାଯାଇଛି ।

ସାମ୍ପ୍ରତିକ ସମସ୍ୟାକୁ ଦେଖିଲେ ଆହୁରି ଆଗକୁ ଅନେକ କିଛି କରିବାର ଆବଶ୍ୟକତା ରହିଛି । ୨୦୨୦ ପରେ ୨୦୨୧ ମସିହାରେ କରୋନାର ଦ୍ୱିତୀୟ ଲହର ପୁଣିଥରେ ଲୋକମାନଙ୍କ ଜୀବନଧାରାକୁ ସମସ୍ୟାବହୁଳ କରିଦେଇଛି । ଏହାର ତୃତୀୟ ଲହର ଆସିବାକୁ ବିଶେଷଜ୍ଞ ମାନେ ପୁଣିଥରେ ସତର୍କ କରିଦେଲେଣି । ଏସବୁ ଆଶଙ୍କା ଓ ବିପଦକୁ ମୁଣ୍ଡେଇ ଆଗକୁ ଚାଲିବାକୁ ପଡିବ । ସବୁ ପ୍ରତିକୂଳ ପରିସ୍ଥିତି ଭିତରେ ପରିବାରର ଜୀବନଜୀବିକା, ରୋଜଗାର ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ପିଲାମାନଙ୍କ ଶିକ୍ଷା ଆଦିକୁ ତ୍ୱରାନ୍ୱିତ କରିବାକୁ ପଡିବ । ଲୋକମାନଙ୍କର ଭାଙ୍ଗି ପଡିଥିବା ମାନସିକ ଅବସ୍ଥାକୁ ଦୃଢ଼ କରିବାକୁ ପଡିବ ।

ଏହି ଛୋଟ ପୁସ୍ତିକାଟିରେ ସ୍ୱାତୀ କାମ କରୁଥିବା ଅଂଚଳର ଗ୍ରାମବାସୀ ମାନେ କରୋନା କାଳୀନ ଜୀବନକୁ ସଜାଡିବା ପାଇଁ ନେଇଥିବା କିଛି ପଦକ୍ଷେପର କାହାଣୀ ରହିଛି । ଆଶା ଏହା ଅନ୍ୟ ମାନଙ୍କୁ ପ୍ରେରଣା ଦେବ ଓ ଗୋଷ୍ଠୀଗତ ସଂହତି ଓ ବିକାଶ ପାଇଁ ନୂଆ ଚିନ୍ତା ସୃଷ୍ଟିକରିବ ।

ଧନ୍ୟବାଦ ସହ
ଇଂ.ହରିଶଙ୍କର ରାଉତ
ସଂପାଦକ, ସ୍ୱାତୀ

# କରୋନା କାଳୀନ ବନ୍ଦ ସମୟରେ ରାସନ ଯୋଗାଣ ଦାୟିତ୍ୱ ନେଲେ ସ୍ୱୟଂସହାୟିକା ଦଳ



୨୦୨୦ ମାର୍ଚ୍ଚମାସରୁ ରାଜ୍ୟରେ କରୋନା ରୋଗର ପ୍ରଭାବ ଧିରେ ଧିରେ ଆରମ୍ଭ ହୋଇଗଲା । ଖୁବ୍ କମ୍ ଦିନ ମଧ୍ୟରେ ଦେଶ ତଥା ରାଜ୍ୟରେ ଏହା ଚହଳ ସୃଷ୍ଟିକଲା । ପୃଥିବୀର ବଡବଡ ସମୃଦ୍ଧ ଦେଶ ଗୁଡିକରେ ଯେତେବେଳେ ଏହି ରୋଗରେ ଆକ୍ରାନ୍ତ ହୋଇ ହଜାର ହଜାର ଲୋକ ମୃତ୍ୟୁମୁଖରେ ପଡିଲେ ଏବଂ ଏହାର କୌଣସି ପ୍ରତିଷେଧକ ବାହାରି ନଥିଲା ତେଣୁ ଏହାର ସଂକ୍ରମଣକୁ ରୋକିବାକୁ ସରକାର ଗୃହବନ୍ଦୀ ଓ ତାଲାବନ୍ଦ ପରି ପଦକ୍ଷେପ ମାନ ଗ୍ରହଣ କଲେ । ମାର୍ଚ୍ଚ ୨୪ ତାରିଖରୁ ସାରା ଦେଶରେ ୨୧ ଦିନ ପାଇଁ ତାଲାବନ୍ଦ ଘୋଷଣା କରାଗଲା । ଗମନାଗମନ, ଦୋକାନବଜାର, ସ୍କୁଲ୍, କଲେଜ, ସରକାରୀ କାର୍ଯ୍ୟାଳୟ ଆଦି ସବୁ ବନ୍ଦ ହୋଇଗଲା । ଘରଭିତରୁ ଲୋକମାନଙ୍କୁ ବାହାରକୁ ବାହାରିବାକୁ କଟକଣା ଲଗାଗଲା । ଜୀବନରେ ଏହିପରି ପରିସ୍ଥିତି ସାମ୍ନା କରିବା ପ୍ରାୟ ସମସ୍ତଙ୍କ ପାଇଁ ଥିଲା ପ୍ରଥମ । ପର୍ଯ୍ୟାୟକ୍ରମେ ଏହି ତାଲାବନ୍ଦ ମେ ମାସ ୩୧ ତାରିଖ ପର୍ଯ୍ୟନ୍ତ ବଢିଚାଲିଲା । ଇତି ମଧ୍ୟରେ ରାଜ୍ୟ ଭିତରକୁ ପ୍ରବାସୀ ଶ୍ରମିକ ମାନଙ୍କ ପ୍ରବେଶ, ଗାଁ ଗାଁରେ ଫେରି ଆସୁଥିବା ଲୋକମାନଙ୍କ ପ୍ରବେଶ ଯୋଗୁଁ କରୋନା ସଂକ୍ରମଣ ଦୃତ ଭାବରେ ବଢିଚାଲିଲା । ଗାଁ ଗାଁରେ ପୃଥକ ଆବାସ ମାନ ଖୋଲାଯାଇ ବାହାରୁ ଅସୁଥିବା ଲୋକମାନଙ୍କୁ ସଙ୍ଗରୋଧରେ ରଖାଗଲା । ଗାଁରେ ବୈଠକୀ, ପୂଜାପର୍ବ, ବାହାପୁଆଣି ଆଦି ସବୁ କାର୍ଯ୍ୟଉପରେ କଟକଣା ଲାଗିଲା । ଟିଭି, ଖବରକାଗଜ, ସାମାଜିକ ଗଣମାଧମ ଆଦିରେ ଏହି ରୋଗର ଭୟାବହତା ଓ ପ୍ରତିକାର ପାଇଁ ଘନଘନ ପ୍ରଚାର କରାଗଲା । ଏହା ଏକ ମହାମାରୀ ମନେକରି ଲୋକମାନେ ଭୟଭିତ ହେବାକୁ  ଲାଗିଲେ । ତେଣୁ ସହର ଠାରୁ ପଲ୍ଲୀ ପର୍ଯ୍ୟନ୍ତ ଜୀବନଯାତ୍ରା ବନ୍ଦ ହୋଇଗଲା ।

ଏହି ସମୟ ମଧ୍ୟରେ କେବଳ ଅତ୍ୟାବଶ୍ୟକୀୟ ରାସନ ଦୋକାନ ଓ ଔଷଧ ଦୋକାନ ଆଦିକୁ କିଛି ସମୟ ଖୋଲିବା ପାଇଁ ଅନୁମତି ମିଳିଥିଲେ ମଧ ଲୋକମାନେ ସଂକ୍ରମଣ ଭୟରେ ବାହାରକୁ ବାହାରୁ ନଥିଲେ । ଗଂଜାମ ଜିଲ୍ଲା ଓ ଭଞ୍ଜନଗର ଅଂଚଳ ଏକ ସଂକ୍ରମଣ ପ୍ରବଣ ଅଂଚଳ ଭାବେ ରହିଥିବାରୁ ଗାଁ ଲୋକମାନଙ୍କ ଭିତରେ ଏହି ଭୟ ଆହୁରି



ଅଧିକ ଥିଲା । ଥରେ ସଂକ୍ରମିତ ହେଲେ ଏଥିପାଇଁ ଡାକ୍ତରୀ ଚିକିତ୍ସା, ସାମାଜିକ ବାସନ୍ଦ ଆଦିର ଭୟ ଆହୁରି ଲୋକମାନଙ୍କୁ ଡରାଉଥିଲା । ତେଣୁ ଘର ଗୁଡିକରେ ରାସନ ପହଞ୍ଚିବା ଏକ କଷ୍ଟକର ବ୍ୟାପାର ଥିଲା । ଏହି ଅସୁବିଧାକୁ ଦୃଷ୍ଟିରେ ରଖି ଭଞ୍ଜନଗର ବିଜ୍ଞାପିତ ପରିଷଦ ତରଫରୁ କେତେକ ନିର୍ଦ୍ଦିଷ୍ଟ ଦୋକାନ ଓ ସ୍ୱୟଂସହାୟିକା ଦଳକୁ ଅନୁମତି ଦିଆଯାଇଥିଲା । ସେମାନଙ୍କୁ ଏଥିପାଇଁ କୋଭିଡ ନୀୟମ ପ୍ରତିପାଳନ ସହ ସଠିକ ଦାୟିତ୍ୱ ତୁଲାଇବା ନିମନ୍ତେ ଅନୁମତି ପତ୍ର ଦିଆଯାଇଥିଲା ।

ଭଞ୍ଜନଗର ଚାରିପାଖେ ଉତ୍ତର ଘୁମୁସର ବନଖଣ୍ଡ ଦ୍ୱାରା ଚାଲିଥିବା ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ( ଭାଗ – ୨) ଅଧିନରେ ୧୦୦ରୁ ଅଧିକ ଗାଁ ରହିଥିଲା । ସ୍ୱାତୀ ଅନୁଷ୍ଠାନ ଏଥିରେ କ୍ଷେତ୍ର ସହାୟକ ଭାବେ କାର୍ଯ୍ୟକରୁଥିଲା । ଏହି ସବୁ ଗାଁର ଲୋକମାନଙ୍କ ଅସୁବିଧାକୁ ଲକ୍ଷ୍ୟକରି ପ୍ରକଳ୍ପତରଫରୁ କିଛି ସ୍ୱୟଂସହାୟିକା ଦଳ ଓ ବନ ସୁରକ୍ଷା ସମିତିକୁ ରାସନ ଯୋଗାଣ ଅନୁମତି ଦେବାକୁ ଆବେଦନ କରାଗଲା । ଭଞ୍ଜନଗର ସ୍ଥିତ ସମନ୍ୱିତ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ତରଫରୁ ସରକାରୀ କୋଭିଡ ନିର୍ଦ୍ଦେଶନାମା ଆଧାରରେ ତିନୋଟି ମହିଳାଦଳକୁ ଅନୁମତି ମିଳିଲା । ମହିଳା ଦଳ ତିନୋଟି ୩୦ କିଲୋମିଟର ଅଂଚଳ ଭିତରେ ଏହି କାର୍ଯ୍ୟ ହାତକୁ ନେଲେ । ନିଜ ଦଳର ପାଣ୍ଠିକୁ ବିନିଯୋଗ କରି ସେମାନେ ରାସନ ଜିନିଷ କିଣିଲେ ଏବଂ ତାହା ଗାଁ ଗାଁରେ ନେଇ ପହଞ୍ଚାଇଲେ । ଏହାଦ୍ୱାରା ଗାଁ ଲୋକମାନେ ନିଜ ଘର ପାଖରେ ଉପଯୁକ୍ତ ମୂଲ୍ୟରେ ଭଲ ମାନର ଜିନିଷ ପାଇପାରିଲେ । ଦଳ ଗୁଡିକ ରାସନ ଯୋଗାଇବା ସହ ଗାଁ ଲୋକମାନଙ୍କୁ ଓ ଭେଟୁଥିବା ପରିବାର ସଦସ୍ୟଙ୍କୁ କରୋନା ପ୍ରତିଷେଧ ବିଷୟରେ ସଚେତନ ମଧ କରୁଥିଲେ ।

ସେମାନେ ତାଲାବନ୍ଦ ଖୋଲିବା ପର୍ଯ୍ୟନ୍ତ ଏହି ବ୍ୟବସାୟ ଚଳାଇ ରଖିଥିଲେ । ଦଳ ତିନୋଟି ବ୍ୟବସାୟରେ ୨ ଲକ୍ଷ ୯୩ ହଜାର ଟଙ୍କାର ପୁଞ୍ଜି ଖଟାଇଥିବା ବେଳେ ପ୍ରାୟ ୫୭ ହଜାର ଟଙ୍କା ଲାଭ କରିପାରିଥିଲେ । ତେବେ ଏହା ଏକ ବ୍ୟବସାୟ ନୁହେଁ ବରଂ ମହାମାରୀ ସମୟରେ ଏକ ଗୋଷ୍ଠି ଭିତ୍ତିକ ସେବା ବୋଲି ସେମାନେ ପ୍ରକାଶ କରନ୍ତି । ଯେଉଁ ସମୟରେ ଲୋକମାନେ ରୋଗକୁ ଭୟକରି ବାହାରକୁ ବାହାରୁ ନଥିଲେ ସେତେବେଳେ ସେମାନଙ୍କ ପାଖରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ପହଞ୍ଚାଇବାର ଦାୟିତ୍ୱ ଜଣେ କରୋନା ଯୋଦ୍ଧାର କାର୍ଯ୍ୟ ସହ ସମାନ । ଏହି କାର୍ଯ୍ୟ ସେମାନଙ୍କୁ ବ୍ୟକ୍ତିଗତ ଓ ଦଳଗତ ଭାବେରେ ଅନେକ ଆତ୍ମସନ୍ତୋଷ ଓ ସମ୍ମାନ ଦେଇଛି । ଏହାଦ୍ୱାରା ସେମାନେ ନିଜ ସାମାଜିକ ପ୍ରତିବଦ୍ଧତା ତୁଲାଇ ପାରିଛନ୍ତି ବୋଲି ମତ ଦିଅନ୍ତି ।

# ମହିଳାଦଳ ପ୍ରସ୍ତୁତ କଲେ ହାତଧୁଆ ସାମଗ୍ରୀ




କରୋନା ରୋଗର ପ୍ରତିଷେଧକ ହିସାବରେ ଯେଉଁ କେତୋଟି ଗୁରୁତ୍ୱପୂର୍ଣ୍ଣ ପରିଚର୍ଯ୍ୟା ରହିଛି ସେଥିମଧ୍ୟରୁ ଗୋଟିଏ ହେଲା ନୀୟମିତ ବ୍ୟବଧାନରେ ହାତ ଧୋଇବା । ମାସ୍କ ପରିଧାନ, ପରସ୍ପର ଠାରୁ ଦୂରତ୍ୱ ବଜାୟ ରଖିବା, ଗହଳିପୂର୍ଣ୍ଣ ସ୍ଥାନକୁ ନଯିବା ସହ ପ୍ରତି ଅଧ ଘଂଟାଏ ବ୍ୟବଧାନରେ, ବାହାରୁ ଆସିବା ପରେ ଏବଂ ବାହାରର କୌଣସି ସାମଗ୍ରୀ ବା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବା ପରେ ହାତକୁ ଧୋଇ ଭଲଭାବରେ ପରିଷ୍କାର କରିବା ଆବଶ୍ୟକ । ଆଗରୁ ଗାଁ ଗହଳିରେ ପରିଷ୍କାର ପରିଚ୍ଛନ୍ନତାର ଏକ ପରଂପରା ରହିଥିଲେ ମଧ୍ୟ ତାହା ଧିରେ ଧିରେ ଲୋପ ପାଇ ଆସିଥିଲା । ଅଙ୍ଗନବାଡି ସ୍ତରରେ ଶିଶୁ ଓ ମହିଳା ମାନଙ୍କୁ ହାତଧୁଆର ଗୁରୁତ୍ୱ ବୁଝାଇବା ପାଇଁ ହାତଧୁଆ ଦିବସ ପାଳନ, ନୀୟମିତ ସାବୁନରେ ହାତ ଧୋଇବା ଆଦି ଶିକ୍ଷା ଦିଆଯାଉଥିଲା । ତେବେ ପରିବାର ସ୍ତରରେ ଏହି ଅଭ୍ୟାସଟି ବିଶେଷ ଭାବେ ପ୍ରସାରିତ ହୋଇନଥିଲା । କରୋନା ମହାମାରି ସମୟରେ ଏହା ଉପରେ ବିଶେଷ ଭାବେ ଗୁରୁତ୍ୱ ଦେବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ଜଣାଇଲେ । ହାତକୁ ଜୀବାଣୁ ମୁକ୍ତ ରଖିବା ପାଇଁ ସାନିଟାଇଜରରେ ଥରକୁଥର ହାତ ସଫା କରିବାକୁ ପରାମର୍ଶ ଦେଲେ । ଟିଭି ରେଡିଓ ଆଦି ଗଣମାଧମ ଜରିଆରେ ହାତଧୁଆ ସଂପର୍କରେ ବହୁଳଭାବେ ପ୍ରଚାର କରାଗଲା । ସ୍ୱାସ୍ଥ୍ୟକର୍ମୀ ମାନେ ଓ  ସ୍ୱେଚ୍ଛାସେବୀ ମାନେ ମଧ୍ୟ ଏ ସଂପର୍କରେ ଗାଁ ଲୋକମାନଙ୍କୁ ବୁଝାଇଲେ । ଦୋକାନ ଓ ଅଫିସ ଆଦିରେ ପ୍ରଥମେ ହାତ ଧୋଇବାକୁ ସାନିଟାଇଜର ରଖାଗଲା । ଲୋକମାନେ ସାଥିରେ ସାନିଟାଇଜର ଧରି ବୁଲିଲେ । ଏହି ସବୁ ପ୍ରକ୍ରିୟା ହାତଧୁଆର ଗୁରୁତ୍ୱକୁ ଲୋକମାନଙ୍କ ପାଖରେ ପ୍ରତିଷ୍ଠିତ କଲା । ଗାଁ ଗହଳିର ଲୋକମାନଙ୍କର ହାତଧୁଆର ଆବଶ୍ୟକତାକୁ ଉପଲବ୍ଧୀ କରି କୋଟିବରାଡି ଗାଁର ଜୟ ଜଗନ୍ନାଥ ସ୍ୱାମୀ ସ୍ୱୟଂ ସହାୟିକା ଦଳ ହାତଧୁଆ ସାମଗ୍ରୀ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଲେ ।



ଉତ୍ତର ଘୁମୁସର ବନଖଣ୍ଡ ଦ୍ୱାରା ଚାଲିଥିବା ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ( ଭାଗ – ୨) ମାଧ୍ୟମରେ କୋଟିବରାଡି ଗାଁରେ ପ୍ରାୟ ୧୪ଟି ସ୍ୱୟଂ ସହାୟିକା ଦଳ ଗଠନ କରାଯାଇଛି । ଦଳ ଗୁଡିକ ନିଜସ୍ୱ ପାଣ୍ଠି ସଂଗ୍ରହ ସହିତ ବ୍ୟାଙ୍କରୁ ଋଣ ଗ୍ରହଣ ଏବଂ ବିଭିନ୍ନ ଆୟବର୍ଦ୍ଧକ କାର୍ଯ୍ୟ କରି ନିଜର ରୋଜଗାର ବଢାଇ ପାରୁଛନ୍ତି । ଗାଁର ଜୟ ଜଗନ୍ନାଥ ସ୍ୱାମୀ ସ୍ୱୟଂ ସହାୟିକା ଦଳର ସଭ୍ୟାମାନେ ନିଜର ଆୟବର୍ଦ୍ଧକ କାର୍ଯ୍ୟ ହିସାବରେ ହାତଧୁଆ ( ହାଣ୍ଡ ୱାସ ) ଓ ବାସନଧୁଆ ( ଡିସ୍ ୱାସ ) ପ୍ରସ୍ତୁତ କରିବାକୁ ନିଷ୍ପ◻ ନେଲେ । ସ୍ୱାତୀ ଅନୁଷ୍ଠାନର କର୍ମୀମାନେ ସେମାନଙ୍କୁ ଏଥିନିମନ୍ତେ ପ୍ରଶିକ୍ଷଣ ନେବାର ବ୍ୟବସ୍ଥା କଲେ । ଭୁବନେଶ୍ୱରରୁ ଜଣେ ତାଲିମଦାତା କୋଟିବରାଡି ଆସି ଦଳର ସଭ୍ୟାମାନଙ୍କୁ ଏହାର ପ୍ରସ୍ତୁତି କୌଶଳ ସଂପର୍କରେ ଶିକ୍ଷା ଦେଲେ । ଏହାପରେ ସଭ୍ୟାମେନେ ଦଳର ସଂଚିତ ପାଣ୍ଠିକୁ ବିନିଯୋଗ କରି ଏଥିପାଇଁ ମେସିନ ଓ ଆବଶ୍ୟକ ସାମଗ୍ରୀମାନ କିଣି ଆଣିଲେ । ନିଜେ ଏହା ପ୍ରସ୍ତୁତ କଲେ । ଏହାର ବିକ୍ରିପାଇଁ ନିଜ ଗାଁ ତଥା ଆଖପାଖ ଗାଁର ଦୋକାନ, ଔଷଧ ଦୋକାନ, ଭଂଜନଗର ବଜାର ଆଦି ସହ ସଂପର୍କ କଲେ । ସହେିପରି ଓର୍‌ମାସ ତରଫରୁ ଜିଲ୍ଲା ଓ ରାଜ୍ୟ ସ୍ତରୀୟ ବିଭିନ୍ନ ପ୍ରଦର୍ଶନୀରେ ଯୋଗଦେଇ ବିକ୍ରି ମଧ କଲେ । ଧିରେ ଧିରେ ସେମାନଙ୍କ ବ୍ୟବସାୟ ବଢିଲା । କରୋନା ମହାମାରୀ ସମୟରେ ହାତଧୁଆ ଉପରେ ବିଶେଷ ଗୁରୁତ୍ୱ ଦିଆଯିବାରୁ ସେମାନଙ୍କ ଏହି ହାତଧୁଆ ସାମଗ୍ରୀ ବେଶ୍ ଚାହିଦା ସୃଷ୍ଟି କଲା । ଭଞ୍ଜନଗର ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ସେମାନଙ୍କର ଏହି ସାମଗ୍ରୀର ବ୍ୟବସାୟିକ ସୁବିଧା ମଧ କରାଗଲା । ଏହି ସାମଗ୍ରୀ ତିଆରି ପାଇଁ ଶିଶି ପ୍ରତି ୩୨ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ସେମାନେ ଏହାକୁ ୪୦ଟଙ୍କାରେ ବିକ୍ରି କରୁଛନ୍ତି । ସମାନ ପରିମାଣର ଓ ସମାନ ଗୁଣର କମ୍ପାନୀ ପ୍ରସ୍ତୁତ ସାମଗ୍ରୀ ଗୁଡିକର ଦାମ ଏହାଠାରୁ ଢେର୍ ଅଧିକ ରହିଥିବାବେଳେ ସେମାନଙ୍କ ସାମଗ୍ରୀର ଦାମ ସାଧାରଣ ଲୋକଙ୍କୁ ସୁହାଇବା ପରି ରହିଛି । ତେଣୁ ସ୍ଥାନୀୟ ବଜାରରେ ଏହାର ବିଶେଷ ଚାହିଦା ରହୁଛି ।

ଏହି ଉଦ୍ୟୋଗରୁ ଦଳର ସଭ୍ୟାମାନେ ଭଲ ରୋଜଗାର ହେଉଛି ଏବଂ ଏକ ନୂଆ ପ୍ରକାର କାର୍ଯ୍ୟ କରୁଥିବାରୁ ଅଂଚଳରେ ସେମାନଙ୍କ ପରିଚୟ ସୃଷ୍ଟି ହୋଇପାରିଛି ବୋଲି କହନ୍ତି ସବିତାରାଣୀ ଡାକୁଆ । ଗାଁରେ ଏହି କାର୍ଯ୍ୟକ୍ରମ ହେବା ଯୋଗୁଁ ଗାଁର ମହିଳାମାନେ ହାତଧୁଆର ଗୁରୁତ୍ୱ ମଧ ବୁଝି ପାରିଲେ । ସଭ୍ୟାମାନେ ଗାଁରେ ମହିଳା ମାନଙ୍କୁ କରୋନା ପତିଷେଧ ବ୍ୟବସ୍ଥା ସଂପର୍କରେ ସଚେତନ କରିବା ସହ ହାତଧୁଆ ସଂପର୍କରେ ସଚେତନତା ସୃଷ୍ଟି କଲେ । କମ୍ ଦାମ୍‌ରେ ଉଚ୍ଚ ମାନର ଜିନିଷ ପାଇବା ଯୋଗୁଁ ଏହାର ଚାହିଦା ମଧ ବଢିଲା ।  ଏବେ ଏହି ଉଦ୍ୟୋଗ ଗାଁରେ ପରିଛନ୍ନତା ଓ ସୁସ୍ଥତା ଦିଗରେ ଏକ ଅଗ୍ରଣୀ ଭୂମିକା ତୁଲାଉଛି ।

# ଏମ୍.ଜି.ଏନ୍.ଆର୍. ଜି.ଏ କାମରେ ପ୍ରାପ୍ୟ ମଜୁରୀ ଫେରି ପାଇଲେ ଯୌନକର୍ମୀ



କନ୍ଧମାଳ ଜିଲ୍ଲାରେ ଚିହ୍ନିତ ମହିଳା ଯୌନକର୍ମୀ ମାନଙ୍କୁ ସ୍ୱାସ୍ଥ୍ୟ ସଚେତନା ଏବଂ ସାମାଜିକ ସୁରକ୍ଷା ଯୋଗାଇଦେବା ନିମନ୍ତେ ଓଡିଶା ଷ୍ଟେଟ୍ ଏଡ୍ସ ସେଲ୍ ସହାୟତାରେ ସ୍ୱାତୀ ୨୦୧୦ ମସିହାରୁ ଟି.ଆଇ କାର୍ଯ୍ୟକ୍ରମ କରିଆସୁଛି । ଏହି କାର୍ଯ୍ୟକ୍ରମ ମାଧମରେ ଚିହ୍ନିତ ବ୍ୟକ୍ତି ମାନଙ୍କୁ ନୀୟମିତ ସ୍ୱାସ୍ଥ୍ୟଗତ ସହାୟତା ଓ ପରାମର୍ଶ ଦେବା ସହ ସେମାନେ କିପରି ରୋଜଗାରକ୍ଷମ ହୋଇପାରିବେ ଏବଂ ସରକାରୀ ସହାୟତା ହାସଲ କରିପାରିବେ ସେଥିପାଇଁ ସହଯୋଗ କରାଯାଉଛି । ଗତ ଫେବୃଆରି ମାସରୁ କରୋନା କଟକଣା ଓ ଲକ୍‌ଡାଉନ ଆଦି ଯୋଗୁଁ ଏହି ଯୌନକର୍ମୀ ମାନେ ଅନେକ ଅଭାବ ଅସୁବିଧାର ଶିକାର ହେଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ରୋଜଗାର ପାଇଁ ଗ୍ରାହକ ମାନଙ୍କ ଉପରେ ନିର୍ଭର କରୁଥିବାରୁ ସେମାନେ ନଆସିବାରୁ ଯୌନକର୍ମୀ ମାନେ ଦୈନନ୍ଦିନ ଚଳିବାରେ ଅସୁବିଧା ଭୋଗିଲେ । ଏହି ମାନେ ସାଧାରଣତଃ ଗରିବ ଶ୍ରେଣୀର ହୋଇଥିବାରୁ ନିଜର କୌଣସି ସଂଚୟ ବା ଉପାର୍ଜନ ପନ୍ଥା ମଧ ନଥିଲା ।

ଲକ୍‌ଡାଉନ ପ୍ରକ୍ରିୟା ଶେଷ ହେବାରୁ ଗାଁ ଗୁଡିକରେ ଲୋକମାନଙ୍କ ରୋଜଗାର ପାଇଁ ଏମ୍.ଜି.ଏନ୍.ଆର୍. ଜି.ଏ କାମ ଆରମ୍ଭ ହେଲା । ଜି.ଉଦୟଗିରି ବ୍ଲକ୍ କଳିଙ୍ଗା ଅଂଚଳରେ ମଧ ଏହି କାମ ଚାଲିଲା । ସ୍ଥାନୀୟ ତିନିଜଣ ଯୌନକର୍ମୀ ଏଥିରେ କାମ କଲେ । ଗାଁ ଗୁଡିକରେ ଏମ୍.ଜି.ଏନ୍.ଆର୍. ଜି.ଏ କାମ ହେବାରୁ ଏହାର ନୀତିନିୟମ ଏବଂ ମଜୁରୀ ଆଦି ବିଷୟରେ ସଚେତନତା ପାଇଁ ସ୍ୱାତୀ ତରଫରୁ ଗ୍ରାମ୍ୟ ବୈଠକ ଓ ସଚେତନ ଶିବିର ମାନ କରାଯାଇ ଗାଁ ଲୋକମାନଙ୍କୁ

ଜଣାଇ ଦିଆଗଲା । ବାଡେନାଜୁ ଓ କଳିଙ୍ଗା ଠାରେ ହୋଇଥିବା ସଚେତନତା ଶିବିରରେ ସ୍ଥାନୀୟ ଯୌନକର୍ମୀ ମାନେ ଯୋଗଦେଇ ଏମ୍.ଜି.ଏନ୍.ଆର୍. ଜି.ଏ ନୀୟମ ବିଷୟରେ ଜାଣିଲେ । ସେମାନେ ବୁଝିଲେ ଯେ ସେମାନେ କରୁଥିବା ଏମ୍.ଜି.ଏନ୍.ଆର୍. ଜି.ଏ କାମରେ ଠକାମିର ଶୀକାର ହୋଇଛନ୍ତି । ସେମାନେ ଖୋଳୁଥିବା ଗାତ ପ୍ରତି ୬୯ ଟଙ୍କା ପାଇବା ବଦଳରେ ତାଙ୍କୁ ମିଳିଛି ମାତ୍ର ୫୦ ଟଙ୍କା । କାମକରିଥିବା ତିନିଜଣ ଯୌନକର୍ମୀ ନିଜର ମୋଟ ୩୪୨୦ଟଙ୍କା ହରାଇଛନ୍ତି । ଏହା ଜାଣିପାରି ସେମାନେ ସ୍ଥାନୀୟ ସ୍ୱାତୀ କର୍ମୀଙ୍କୁ ଯୋଗାଯୋଗ କଲେ । ତାଙ୍କରି ପରାମର୍ଶରେ ସେମାନେ ନିଜର କାମ ଓ ହୋଇଥିବା ଠକାମୀ ବିଷୟରେ ସମସ୍ତ ବିବରଣୀ ଦେଇ ସ୍ଥାନୀୟ ସରପଞ୍ଚଙ୍କୁ ଏକ ଦରଖାସ୍ତ ଦେବା ସହ ବିଡିଓ ଓ ଜିଲ୍ଲାପାଳଙ୍କୁ ଜଣାଇବା ପାଇଁ କହିଲେ । ଏ ସଂପର୍କରେ ଜାଣିପାରି କାମ ବୁଝୁଥିବା ଠିକାଦାର ଅଭିଯୋଗକାରିଣୀ ଯୌନକର୍ମୀ ମାନଙ୍କୁ ସାକ୍ଷାତ କରିବା ସହ ସେମାନଙ୍କ ବକେୟା ୩୪୨୦ଟଙ୍କା ପଇଠ କଲେ ।

କେବଳ ଯୌନକର୍ମୀ ମାନେ ନୁହଁନ୍ତି କାମ କରିଥିବା ଗାଁର ଅନ୍ୟ ସମସ୍ତ ହିତାଧିକାରୀ ମାନଙ୍କୁ ମଧ୍ୟ ହିସାବ ମୁତାବକ ବକେୟା ଟଙ୍କା ମିଳିଲା । ସ୍ୱାତୀର ସଚେତନତା ଓ ଯୌନକର୍ମୀ ମାନଙ୍କ ସାହାସିକ ଉଦ୍ୟମ ଯୋଗୁଁ କଳିଙ୍ଗା ଗାଁରେ ଏମ୍.ଜି.ଏନ୍.ଆର୍. ଜି.ଏ କାମରେ ସମସ୍ତ ହିତାଧିକାରୀ ନିଜର ପ୍ରାପ୍ୟ ବକେୟା ପାଇପାରିଲେ ।

# କରୋନା କାଳରେ ବବିତାଙ୍କ ପରିବାରକୁ ଖାଦ୍ୟସୁରକ୍ଷା ଦେଲା ପୁଷ୍ଟି ବଗିଚା



ଫିରିଙ୍ଗିଆ ବ୍ଲକ୍ ବାଲନ୍ଦାପଡା ଗାଁର ବବିତା ଦିଗାଲ । ସ୍ୱାମୀ ଦୁଇ ଝିଅ ଓ ଚାରିବର୍ଷର ଛୋଟ ପୁଅଟିକୁ ନେଇ ତାଙ୍କର ଚାରିଜଣିଆ ପରିବାର । ସ୍ୱାମୀ ଡ୍ରାଇଭର କାମ କରନ୍ତି । ତାଙ୍କର ରୋଜଗାରରେ ହିଁ ପରିବାର ଚଳେ । ବବିତା ଗାଁ ପାଖରେ କୁଲି ମଜୁରୀ କରି ଘରର ଅନ୍ୟାନ୍ୟ ଆବଶ୍ୟକତା ତୁଲାନ୍ତି । କିନ୍ତୁ କରୋନା ଆରମ୍ଭ ହେବାପରେ ଯୋତେବେଳେ ସବୁଆଡେ ତାଲା ବନ୍ଦ ହୋଇଗଲା ବବିତାଙ୍କ ସ୍ୱାମୀ କାମଧନ୍ଦା ହରାଇ ଘରକୁ ଫେରିଆସିବାକୁ ବାଧହେଲେ । ଭାବିଥିଲେ କିଛିଦିନ ପରେ ପୁଣି ସବୁ ଠିକ୍ ହୋଇଯିବ । କିନ୍ତୁ କରୋନାର ପ୍ରକୋପ ବଢିବା ସାଙ୍ଗକୁ ତାଲାବନ୍ଦ ମଧ୍ୟ ବଢିଚାଲିଲା । ଗାଁ ଗହଳର ସବୁ କାମ ବି ବନ୍ଦ ଥିଲା । ତେଣୁ ରୋଜଗାରର କୌଣସି ସୁଯୋଗ ନଥିଲା । ବବିତାଙ୍କର ବିଶେଷ ଚାଷ ଜମି ନଥିବାରୁ ଘରେ ଖାଇବା ପାଇଁ ବି କୌଣସି ସାମଗ୍ରୀ

ନଥିଲା । ସରକାରଙ୍କ ତରଫରୁ ରାସନ ହିସାବରେ ଯାହା ମାସିକ ୨୦ କିଲୋ ଚାଉଳ ମିଳୁଥିଲା । ତେବେ ଘରେ ପରିବା କିଣିବା ଓ ତରକାରୀ ଖର୍ଚ୍ଚ ତୁଲାଇବା ପାଇଁ ସମ୍ବଳ ନଥିଲା । ଏପରିସ୍ଥିତିରେ ପରିବାର କିପରି ପ୍ରତିପୋଷଣ କରିବେ ତାହା ବବିତାଙ୍କର ବଡ ଚିନ୍ତା ହେଲା ।

କରୋନା ସମୟରେ ଘରୋଇ ଖାଦ୍ୟ ଆବଶ୍ୟକତାକୁ ଅନୁଧ୍ୟାନ କରି ସ୍ୱାତୀ ତରଫରୁ ମହିଳା ମାନଙ୍କୁ ନେଇ ଏକ ଛୋଟ ଉଦ୍ୟମ ଆରମ୍ଭ କରାଗଲା । ମହିଳା ଦଳର ସଭ୍ୟାମାନଙ୍କୁ ପ୍ରତି ଘରେ ଗୋଟିଏ ଗୋଟିଏ ଛୋଟ ପରିବା ବଗିଚା ବା ପୁଷ୍ଟିସାଧନ ବଗିଚା କରିବାକୁ ଉତ୍ସାହିତ କରାଗଲା । ଘରକୁ ଲାଗି ରହିଥିବା ବାଡିରେ ପରିବାର ଚଳିବା ପରି ବିଭିନ୍ନ ପନିପରିବା କିପରି ଉତ୍ପାଦନ କରାଯାଇପାରିବ ସେ ସଂପର୍କରେ ମହିଳା ମାନଙ୍କୁ ତାଲିମ ଦିଆଗଲା । ସେମାନଙ୍କୁ ପରିବା ବିହନ ଦିଆଯିବା ସହ ଚାଷ କୌଶଳ, ଖତ ତିଆରି କୌଶଳ ଆଦି ବତାଇ ଦିଆଗଲା । ବବିତା ସେହି ତାଲିମରେ ଭାଗ ନେଇଥିଲେ । ଏହା ତାଙ୍କୁ ଘରର କିଛି ଖାଦ୍ୟ ଆବଶ୍ୟକତା ତୁଲାଇବାର ଏକ ଯଥାର୍ଥ ଉପାୟ ବୋଲି ହୃଦ୍‌ବୋଧ ହେଲା । ସେ ନିଜ ଘରକୁ ଲାଗିଥିବା ଜାଗାଟିରେ ବଗିଚା ଟିଏ ଆରମ୍ଭ କରିଦେଲେ । କରୋନା କଟକଣା ଯୋଗୁଁ କେହି ତ ବାହାରକୁ ଯିବା ସମ୍ଭବ ନଥିଲା । ତେଣୁ ସ୍ୱାମୀ ଓ ଦୁଇ ଝିଅ ମଧ ତାଙ୍କୁ ଏହି କାମରେ ସହାୟତା କଲେ । ସେମାନେ ଘରର ତରକାରୀ ଆବଶ୍ୟକତା ମେଂଟିବା ପରି କିପରି ଦୈନନ୍ଦିତ କିଛି କିଛି ଜିନିଷ ମିଳିବ ସେହି ହିସାବରେ ଯୋଜନା କଲେ । ଖୁବ୍ କମ୍ ଦିନରେ ମିଳିବା ପରି ଶାଗ ଦି ପଟାଳୀ ବୁଣିଲେ । ସେହିପରି ଭେଣ୍ଡି, ଟମାଟୋ, ବାଇଗଣ, ଲଙ୍କା, କାକୁଡି, କଲରା ଆଦି ମଧ ଲଗାଇଲେ । ଚାରିପାଖେ କିଛି ବିନ୍‌ସ ଓ ଝୁଡଙ୍ଗ ବି ଲଗାଇଲେ । ସେହିପରି ସବୁଦିନିଆ ପରିବା ମିଳିବା ପାଇଁ ଅମୃତଭଣ୍ଡା ଓ ସଜନା ଗଛ ମଧ ଲଗାଇଲେ । ମାସକ ପରେ ସେଠାରୁ ଶାଗ ମିଳିଲା । ସେହିପରି ଦୁଇମାସ ବେଳକୁ ଭେଣ୍ଡି କିଛି କିଛି ବାହାରିଲା । ପରକୁ ପର ଟମାଟୋ, ବାଇଗଣ, କାକୁଡି, ଜହ୍ନି, କଲରା ଆଦି ଫଳିଲା । ଏସବୁଥରେ ଘରର ପରିବା ଖର୍ଚ୍ଚ କିଛି ପରିମାଣରେ ତୁଲ ହେଲା ।



ବବିତା ଓ ତାଙ୍କର ସ୍ୱାମୀ ଅଧିକାଂଶ ସମୟ ବଗିଚା କାମରେ ଲାଗି ରହିଲେ । ଫଳରେ ସେଠାରେ କିପରି ଅଧିକ ପ୍ରକାର ଫସଲ ଉତ୍ପାଦନ କରିପାରିବେ ସେ ବିଷୟରେ ନାନା କୌଶଳ ମୁଣ୍ଡକୁ ଆସିଲା । ଚାରିମାସ ପରେ ତାଙ୍କର ବଗିଚାଟି ଏକ ପରିପୂର୍ଣ୍ଣ ବଗିଚା ପାଲଟି ଗଲା । ସେ ବିଭିନ୍ନ ଋତୁକାଳୀନ ପରିବା ଚାଷ ଆରମ୍ଭ କଲେ । ଏବେ ତାଙ୍କର ପରିବାର ଘରର ସମସ୍ତ ପରିବା ନିଜ ବଗିଚାରୁ ହିଁ ପାଉଛନ୍ତି । କରୋନା ସମୟରେ ହାଟବଜାର ବନ୍ଦର ପ୍ରଭାବ ତାଙ୍କ ଉପରେ ପଡୁନାହିଁ କିମ୍ବା ବେରୋଜଗାରୀର ଚିନ୍ତା ବେଶୀ ବାଧୁନାହିଁ । ବବିତାଙ୍କ ମତରେ ରୋଗରୁ ନିଜକୁ ଓ ପରିବାରକୁ ସୁରକ୍ଷା ଦେବା ପ୍ରଥମ କଥା । ଏହି ଦୁସ୍ଥିତିରେ ବଗିଚାଟି ସେମାନଙ୍କୁ ଉଭୟ ଖାଦ୍ୟ ଓ ମାନସିକ ସୁସ୍ଥତା ଯୋଗାଇ ଦେଇଛି ।

# କରୋନା ସମୟରେ ରୋଜଗାର ସୁଯୋଗ ଦେଲା କାରୁକଳା



କରୋନା ଯୋଗୁଁ ସବୁଆଡେ ଗୃହବନ୍ଦୀ, ତାଲାବନ୍ଦ ଓ ବାହାରକୁ ବାହାରିବା ଆଦି କଟକଣା ଯୋଗୁଁ କିଶୋର ଓ ଯୁବ ଗୋଷ୍ଠୀ ମାନସିକ ଭାବେ ବିଶେଷ ପ୍ରଭାବିତ ହୋଇଛନ୍ତି । କିଶୋର ଓ ଯୁବ ସମୟଟି ବିଶେଷ କରି ଫୁ□ଓ ବୁଲାବୁଲିର ସମୟ ହୋଇଥିବାରୁ ତାଲା ବନ୍ଦ ଯୋଗୁଁ ଗୋଟିଏ ଘରେ ବା ଘର ପରିସରରେ ଆବଦ୍ଧ ହୋଇ ରହିବା ସେମାନଙ୍କୁ ବହୁତ ଚାପ ଗ୍ରସ୍ତ କରିଥିଲା । ତେବେ ଏହି ସମୟକୁ କିପରି ଏକ ସୃଜନଶୀଳ ଉପାୟରେ ବିନିଯୋଗ କରିହେବ ସେଥିପାଇଁ ସ୍ୱାତୀ ପକ୍ଷରୁ କିଛି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ସ୍ୱାତୀ ଦ୍ୱାରା ଏହାର କାର୍ଯ୍ୟଭୁକ୍ତ ଗାଁ ଗୁଡିକରେ ୩୦୦ରୁ ଅଧିକ କିଶୋର କିଶୋରୀ ଦଳ ଗଢାଯାଇଥିଲା । ସେମାନଙ୍କୁ ହସ୍ତକଳା ଓ ସୃଜନକଳାର ବିକାଶ ପାଇଁ ତାଲିମ ଦିଆଯାଇଥିଲା । ରଦ୍ଦି କାଗଜରୁ କିପରି ସୁନ୍ଦର ସୁନ୍ଦର ଗୃହ ସାଜସଜା ଜିନିଷ ପ୍ରସ୍ତୁତି କରିହେବ ସେବିଷୟରେ ବନ୍ଧଗଡ ଓ ବାଲନ୍ଦାପଡାରେ କିଶୋରୀ ବାଳିକା ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । କରୋନା ତାଲାବନ୍ଦ ସମୟରେ ଅନେକ ଗାଁରେ ବାଳିକା ମାନେ ସେହି ଶିକ୍ଷାକୁ କାମରେ ଲଗାଇ ନିଜର ସୃଜନଶୀଳତାର ଆନନ୍ଦ ପାଇବା ସହ ଏଥିରୁ ରୋଜଗାରକ୍ଷମ ମଧ୍ୟ ହୋଇପାରିଛନ୍ତି ।

କ.ନୂଆଗାଁ ବ୍ଲକ୍ ବଣ୍ଡଗୁଡା ପଞ୍ଚାୟତର ସସ୍ମିତା ସାହୁ । ସାରଙ୍ଗଗଡସ୍ଥିତ କନ୍ଧମାଳ ହାୟର ସେକେଣ୍ଡାରି ବିଦ୍ୟାଳୟରେ ଯୁକ୍ତ ୨ ଶ୍ରେଣୀରେ ପଢନ୍ତି । ଘରେ ବାପା ମାଆ ଓ ଭାଇ ଭଉଣୀ ଆଦି ପା□ଜଣ ପରିବାର । ବାପା ଜଣେ ବୁଲା ବ୍ୟବସାୟୀ । କରୋନା କଟକଣା ଯୋଗୁଁ ସସ୍ମିତାଙ୍କର କଲେଜ ବନ୍ଦ ହୋଇଯିବା ସହ ବାପାଙ୍କର ବ୍ୟବସାୟ ମଧ୍ୟ ବନ୍ଦ ହୋଇଗଲା । ସମସ୍ତେ ଘରେ ବସି ରହିବାରୁ ଅଭାବ ସହ ମାନସିକ ଅଶାନ୍ତି ମଧ୍ୟ ବଢିଲା । ସ୍ୱାତୀ ଅନୁଷ୍ଠାନ ଦ୍ୱାରା ହେଉଥିବା ଅନନ୍ୟା କାର୍ଯ୍ୟକ୍ରମରେ ସସ୍ମିତା ଜଣେ ଆଗଧାଡିର କିଶୋରୀ ନେତ୍ରୀ ଥିଲେ । ଅନନ୍ୟାର ସମସ୍ତ

କାର୍ଯ୍ୟକ୍ରମରେ ସାମିଲ ହେବା ସହ କିଶୋରୀ ବାଳିକା ମହାସଂଘର ସଭ୍ୟା ମଧ ଥିଲେ । ଅଂଚଳରେ ବାଲ୍ୟ ବିବାହ ରୋକିବା ଅଭିଯାନରେ ସାମିଲ ହେବାସହ କିଶୋରୀ ବାଳିକାମାନଙ୍କ ଶିକ୍ଷା ଓ ବୃତ୍ତିଭିତ୍ତିକ ବିକାଶ ପ୍ରଶିକ୍ଷଣରେ ଯୋଗ ଦେଉଥିଲେ । ସ୍ୱାତୀ ଦ୍ୱାରା ହୋଇଥିବା ଗୃହସଜ୍ଜା ସାମଗ୍ରୀ ପ୍ରସ୍ତୁତି ତାଲିମ୍ ମଧ ସେ ନେଇଥିଲେ ।



କରୋନା ବନ୍ଦ ସମୟରେ ବାପାଙ୍କ ଜରିଆରେ କାରୁକଳା ପ୍ରସ୍ତୁତି ପାଇଁ ପୁରୁଣା କାଗଜ, ବୋତଲ, ରଙ୍ଗ ଆଦି ସାମଗ୍ରୀ ମାନ ସଂଗ୍ରହ କଲେ । କାଗଜରୁ ସୁନ୍ଦର ସୁନ୍ଦର ଫଟୋ ଫ୍ରେମ୍, ଫୁଲ ବୁକି, କଳସ, ଝୁମର ଆଦି ଜିନିଷ ତିଆରି କଲେ । ସେହିପରି ଅଦରକାରୀ ବୋତଲରୁ ଫୁଲଦାନୀ ଓ ଅନ୍ୟାନ୍ୟ ସାଜସଜା ସାମଗ୍ରୀ ମାନ ପ୍ରସ୍ତୁତ କଲେ । ନିଜେ ତିଆରି କରୁଥିବା ଜିନିଷ ଗୁଡିକ ମୋବାଇଲ୍ ଜରିଆରେ ବିଭିନ୍ନ ହ୍ୱାଟ୍ସ ଆପ୍ ଗ୍ରୁପ୍, ଫେସ୍‌ବୁକ୍ ଓ ୟୁଟ୍ୟୁବ୍ ଆଦିରେ ଅପ୍‌ଲୋଡ କଲେ । ତାଙ୍କର ସୁନ୍ଦର କଳାକୃତି ଦେଖି ଲୋକମାନେ ଅନେକ ପ୍ରଶଂସା କଲେ ଓ ଉତ୍ସାହପ୍ରଦ ମତାମତ ମାନ ଦେଲେ । ଏହା ତାଙ୍କୁ ଅନେକ ଖୁସି ଓ ଆନନ୍ଦ ଦେଲା । ତାଙ୍କ ତିଆରି ସାମଗ୍ରୀ ଗୁଡିକ ବହୁତ ଆକର୍ଷଣୀୟ ହେଉଥିବାରୁ ସେସବୁ କିଣିବା ପାଇଁ ବରାଦ ଆସିଲା । ଫୁଲବାଣୀ ଓ ବ୍ରହ୍ମପୁରର କିଛି ବ୍ୟବସାୟୀ ଏଥିପାଇଁ ଆଗ୍ରହ ପ୍ରକାଶ କଲେ । ସେହିପରି ବାପା ମଧ ଜିନିଷ ଗୁଡିକୁ ଗାଁ ଗାଁରେ ବିକ୍ରି କରିବାକୁ ବ୍ୟବସ୍ଥା କରିଦେଲେ । ଏଥିରୁ ତାଙ୍କୁ ନିଜର ସାମଗ୍ରୀ ବାବଦ ଖର୍ଚ୍ଚ ସହ ଗଢା ମଜୁରୀ ମିଳିଗଲା । ତେଣୁ ସେ ବିଭିନ୍ନ ପ୍ରକାର ନୂଆ ନୂଆ ଡିଜାଇନ୍ ଜିନିଷ ପ୍ରସ୍ତୁତ କରିବାରେ ଲାଗିପଡିଲେ । ତାଙ୍କୁ ଏଥିରେ ନିଜ ଭଉଣୀ ଓ ଭାଇ ମଧ ସାହାଯ୍ୟ କଲେ । ତାଛଡା ନିଜ କିଶୋରୀ ବାଳିକା ଦଳର ଅନ୍ୟ ସାଥିମାନଙ୍କୁ ମଧ ସେ ଏହାର ତିଆରି କୌଶଳ ଶିଖାଇଲେ । ତାଙ୍କର ଏହି କାମ ପାଇଁ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ତରଫରୁ ସମ୍ବର୍ଦ୍ଧିତ କରାଗଲା ।

ସସ୍ମିତାଙ୍କ କୁହନ୍ତି ଯେ, ଏହି କାରୁକଳା ତାଙ୍କୁ ଏକ ନୂଆ ପରିଚୟ ଓ ନୂଆ ଉଦ୍ଦିପନା ଦେଇଛି । କରୋନା ସମୟରେ ଆବଦ୍ଧ ହୋଇ ରହିଥିବା ସମୟର ସଦୁପଯୋଗ କରିବା ସହ ସେଥିରୁ କିଛି ଉପାର୍ଜନ ସୁଯୋଗ ପାଇଛନ୍ତି । ସବୁଠୁ ବଡକଥା ହେଲା ସେ ଓ ତାଙ୍କ ଦଳର କିଶୋରୀ ମାନେ ଏହି କାମ କରି ମାନସିକ ଆନନ୍ଦ ପାଇବା ସହ କରୋନା ସମୟର ଘରୋଇ ଚାପରୁ ମୁକୁଳି ପାରିଛନ୍ତି । ତାଙ୍କଠୁ ଶିଖି ଅନ୍ୟମାନେ ଜିନିଷ ସବୁ ପ୍ରସ୍ତୁତ କରି ନିଜ ଘର ସଜାଇ ପାରିଛନ୍ତି ।

# କାମ୍ରିର ପରିବାରକୁ କରୋନା ସମୟରେ ସାହା ହେଲା ପୁଷ୍ଟି ବଗିଚା



ଫିରିଙ୍ଗିଆ ବ୍ଲକ୍ ଲୁଇସିଙ୍ଗ ପଞ୍ଚାୟତ ରାଇଗୁଡା ଗାଁର କାମ୍ରି କହଁର । ସ୍ୱାମୀ ଓ ତିନିଟି ଛୋଟ ଛୋଟ ପିଲାଙ୍କୁ ନେଇ ପାଁଚଜଣିଆ ପରିବାରଟି ତାଙ୍କର । ଜମିବାଡ ନଥିବାରୁ କୁଲି ମଜୁରୀ କରି ପରିବାର ଚଳାନ୍ତି ସେମାନେ । କରୋନା ମହାମାରୀ ସମୟରେ ସହର ପରି ଗାଁ ଗୁଡିକରେ ମଧ କଟକଣା ହେଲା । ବାହାର ରାଜ୍ୟରେ ଓ ସହରରେ ରହି କାମ କରୁଥିବା ଲୋକମାନେ ଭୟରେ ଗାଁକୁ ଚାଲିଆସିଲେ । କରୋନା ସଂକ୍ରମଣର ଭୟ ଯୋଗୁଁ ସେମାନଙ୍କୁ ଗାଁ ଓ ପଞ୍ଚାୟତ ସ୍ତରରେ ସଂଗରୋଧ କରି ଦୁଇ ସପ୍ତାହ ଯାଏ ଅଲଗା ଘରେ ରଖାଗଲା । କରୋନା ଭୟ ଯୋଗୁଁ ଗାଁରେ କେହି ଘରୁ ବାହାରକୁ ମଧ ବାହାରିଲେ ନାହିଁ । ପୁଲିସ୍ ଗାଡି ମଧ ଗାଁ ଗାଁରେ ବୁଲି ଲୋକମାନଙ୍କୁ ସଚେତନ କଲା । ଗାଁ ଗୁଡିକରେ ଯେଉଁ କିଛି କାମଧନ୍ଦା ଚାଲୁଥିଲା ତାହା ବନ୍ଦ ହୋଇଗଲା । ସବୁଆଡେ କାମ ବନ୍ଦ ଯୋଗୁଁ କାମ୍ରିର ପରିବାର ଉପରେ ଅଭାବ ମାଡିଆସିଲା । ପରିବାର ପାଇଁ ଖାଦ୍ୟ ଯୋଗାଡ କରିବା ବଡ କଷ୍ଟକର ହୋଇ ପଡିଲା । ପଞ୍ଚାୟତରୁ କିଛି ଚାଉଳ ସିନା ମିଳିଲା ହେଲେ ତରକାରୀ ଖର୍ଚ୍ଚ କି ସଉଦା ଖର୍ଚ୍ଚପାଇଁ ହାତରେ ପଇସାଟିଏ ନଥିଲା ।

କରୋନା ସମୟରେ ଗାଁ ଗୁଡିକର ଲୋକମାନେ ନିଜର ପରିବାରର ଖାଦ୍ୟ ଓ ପୁଷ୍ଟି ସୁରକ୍ଷା ପାଇଁ ଅଳ୍ପ ଖର୍ଚ୍ଚରେ ଓ ଅଳ୍ପ ଦିନ ମଧରେ କିପରି ପଦକ୍ଷେପ ନେଇପାରିବେ ସେଥିପାଇଁ ସ୍ୱାତୀ ଅନୁଷ୍ଠାନ ତରଫରୁ ଘରବାଡି ପରିବା ବଗିଚା ଯୋଜନା ଆରମ୍ଭ କରାଗଲା । ଗାଁର ମହିଳା ମାନଙ୍କୁ ଏହା କିପରି କରାଯିବ ସେ ସଂପର୍କରେ ତାଲିମ ଦିଆଗଲା । ସେମାନଙ୍କୁ ବିଭିନ୍ନ ପରିବା ବିହନ ଯୋଗାଇ ଦିଆଗଲା ଏବଂ ନିଜେ ବିଭିନ୍ନ ପରିବା ଚାରା ସଂଗ୍ରହ କରିବାକୁ କୁହାଗଲା । ବାଡିରେ ସ୍ୱଳ୍ପ ସମୟରେ ମିଳିପାରୁଥିବା ପରିବା, ସାରା ବର୍ଷ ଯୋଗାଇ ପାରୁଥିବା ପରିବା, ଋତୁଭିତ୍ତିକ ପରିବା ଆଦି ଚାଷ ସଂପର୍କରେ ବତାଇ ଦିଆଗଲା । ଲୁଇସିଙ୍ଗ ପଞ୍ଚାୟତରେ ହେଉଥିବା ତାଲିମରେ କାମ୍ରି ଯୋଗ ଦେଇଥିଲେ । ସେଠାରୁ ସେ ନିଜ ବାଡିରେ ପରିବା ବଗିଚାଟିଏ କରିବା ପାଇଁ ଆଗ୍ରହୀ ହେଲେ । ସ୍ୱାତୀ ତରଫରୁ ତାଙ୍କୁ ବିଭିନ୍ନ ପରିବା ବିହନ ଯୋଗଇ ଦିଆଗଲା ।

ନିଜ ବାଡିପଟ ଜାଗାଟିକୁ ସଫାକରି ସେଠାରେ ବିଭିନ୍ନ ପ୍ରକାର ଶାଗ, ଭେଂଡି, ଟମାଟୋ, ବାଇଗଣ, ଲଙ୍କା ଆଦି ପରିବା ଲଗାଇଲେ । ସେହିପରି କିଛି ଜାଗାରେ କଦଳୀ, ଅମୃତଭଣ୍ଡା ଓ ସଜନା ଆଦି ସବୁଦିନିଆ ପରିବା ଗଛ ବି ଲଗାଇଲେ । ସ୍ୱାମୀ ସ୍ତ୍ରୀ ଦୁଇଜଣ ଯାକ ମିଶି ବଗିଚା କାମରେ ଲାଗିରହିଲେ । ତାଲାବନ୍ଦ ଯୋଗୁଁ ବାହାରକୁ ଯାଇ ହେଉନଥିବାରୁ ବଗିଚା କାମରେ ସେମାନଙ୍କର ଅଧିକାଂଶ ସମୟ ବିତିଲା । ବଗିଚାରୁ ଘର ପାଇଁ ଆବଶ୍ୟକ ସବୁ ଜିନିଷ କିପରି ପାଇବେ ସେ ଦିଗରେ ବିଭିନ୍ନ ଯୋଜନା ସେମାନଙ୍କ ମନକୁ ଆସିଲା । କିଛି ଜାଗାରେ ମାଟିଆଳୁ, ହଳଦୀ ଓ ଅଦା ଆଦି ମଧ୍ୟ ଲଗାଇଲେ । ବାଡରେ ବିନ୍‌ସ, ଝୁଡଙ୍ଗ, ତୋରଡା ଓ ବରଗୁଡି ଆଦି ମଡାଇଲେ । ସେହିପରି, ଜହ୍ନି, ଦେଶୀ ପୋଟଳ, ବୋଇତାଳୁ, କଲରା, କାକୁଡି ଆଦି ଋତୁକାଳୀନ ପରିବା ମଧ ଚାଷ କଲେ ।

କିଛି ମାସ ମଧରେ ସେମାନଙ୍କୁ କିଛି କିଛି ପରିବା ମିଳିବା ଆରମ୍ଭ କଲା । ଏଥିରେ ଘର ଖର୍ଚ୍ଚ ତୁଲ ହେଲା । ସେହିପରି କିଛି ମାସ ପରେ ଭେଣ୍ଡି, ଟମାଟୋ, ଲଙ୍କା ଆଦି କିଛି କିଛି ପରିବା ଅଧିକ ଆଦାୟ ହେଲା ଓ ସେସବୁ ଗାଁରେ ବିକି କିଛି କିଛି ପଇସା ମଧ ପାଇଲେ । ବର୍ଷାଦିନେ ତୋରଡା, ବୋଇତାଳୁ, କାକୁଡି, ବିନସ୍, ଝୁଡଙ୍ଗ ଆଦି ବିକ୍ରିରୁ ମଧ କିଛି ରୋଜଗାର ହେଲା । ଆମ୍ରି କୁହନ୍ତି ଯେ, ଏତେ ଟିକିଏ ଯୋଜନାରୁ ସେମାନେ କେତେ ବଡ ବିପଦକୁ ସାମ୍ନା କରିବାକୁ ସାହାସ ପାଇଲେ । ଏବେ ଘରେ ରୋଷେଇ ପାଇଁ ବିଶେଷ ଅଭାବ ହେଉନାହିଁ । ତାଛଡା ବଗିଚା କାମରେ ଲାଗି ରହୁଥିବାରୁ ରୋଜଗାରହୀନତାର ବିରକ୍ତି ମଧ ତୁଟି ଯାଉଛି । ଆଗରୁ ଅନ୍ୟର ମଜୁରୀ ଖଟି ଖଟି ନିଜେ କିଛି ଗୋଟାଏ ଯୋଜନା କରିବାକୁ ସମୟ ହେଉନଥିଲା । ଏବେ ନିଜ ବାଡିର ପରିବା ଚାଷ ସେମାନଙ୍କୁ ରୋଜଗାରର ଏକ ନୂଆ ବାଟ ଦେଖାଇଛି ବୋଲି ମତ ଦିଅନ୍ତି ଆମ୍ରିର ସ୍ୱାମୀ ।

## କରୋନା କାଳରେ ଝୁଡଙ୍ଗ ଚାଷରୁ ରୋଜଗାର ପାଇଲେ ଗିରିଧାରୀ



ଜଗନ୍ନାଥପ୍ରସାଦ ବ୍ଲକ୍ କ୍ରିୟାଧାର ଗାଁର ଜଣେ ଗରୀବ କ୍ଷୁଦ୍ରଚାଷୀ ଗିରିଧାରୀ । ଜଗନ୍ନାଥପ୍ରସାଦ ଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଜଙ୍ଗଲ ତଳିଆ କନ୍ଧ ଆଦିବାସୀ ଗାଁଟିଏ ଏହି କ୍ରିୟାଧାର । ଜଙ୍ଗଲ ସୁରକ୍ଷା ଦିଗରେ ଗାଁଟିର ପୂର୍ବରୁ ଅନେକ ଯୋଗଦାନ ରହିଆସିଛି । ଗାଁ ଲୋକମାନେ ଆଖପାଖ ଗାଁ ଲୋକଙ୍କୁ ସଂଗଠିତ କରି ୩୦ ବର୍ଷତଳୁ ଜଙ୍ଗଲ ସୁରକ୍ଷା କରି ଆସୁଛନ୍ତି । କହିବାକୁ ଗଲେ ଗାଁ ଲୋକେ ବର୍ଷର ଛ ମାସ ହିଁ

ଜଙ୍ଗଲ ଉପରେ ନିର୍ଭର କରି ଚଳିଥାନ୍ତି । ଜମିଜମା ବହୁତ କମ୍ ଥିବାରୁ ଜଙ୍ଗଲରୁ ଆମ୍ବ, ତେନ୍ତୁଳି, ଖଲିପତ୍ର ଆଦି ସଂଗ୍ରହ କରି ଏବଂ ବିଭିନ୍ନ ଋତୁକାଳୀନ ଜଙ୍ଗଲୀ ଖାଦ୍ୟ ସଂଗ୍ରହକରି ଚଳନ୍ତି ସେମାନେ । ପାଖରେ ଜଙ୍ଗଲ ଥିବାରୁ ଗାଈ ଛେଳି ଆଦି ପାଳନ କରନ୍ତି । ତେବେ ଧିରେ ଧିରେ ଜଙ୍ଗଲୀ ଖାଦ୍ୟ ସବୁ ଦୁଷ୍ପ୍ରାପ୍ୟ ହେବା ଯୋଗୁଁ ସେମାନେ ଚାଷ ଓ ମଜୁରୀ କାମ ଉପରେ ବିଶେଷ ଧ୍ୟାନ ଦେଇ ଆସୁଛନ୍ତି । ଗତ ତିନିବର୍ଷ ହେବ ଉତ୍ତର ଘୁମୁସର ବନଖଣ୍ଡ ମାଧ୍ୟମରେ ଏହି ଗାଁରେ ଓଡିଶା ବନାଂଚଳ ଉନ୍ନୟନ କାର୍ଯ୍ୟକ୍ରମ – ଭାଗ ୨ ଚାଲୁଛି । ଗାଁ ଲୋକମାନଙ୍କ ଜଙ୍ଗଲ ସୁରକ୍ଷା ଦିଗରେ ଭୂମିକାକୁ ଲକ୍ଷ୍ୟକରି ସେମାନଙ୍କ ଜୀବନଜୀବିକାର ଉନ୍ନତୀ ଦିଗରେ ବିଶେଷ ଧ୍ୟାନ ଦିଆଯାଉଛି ।



୩୫ ବର୍ଷିୟ ଗିରିଧାରୀ ନିଜର ଥିବା ଅଳ୍ପ କିଛି ବର୍ଷାଧାର ଧାନ ଜମି ଚାଷ କରିବା ସହ କୁଲି ମଜୁରୀ କରି ପରିବାର ଚଳାନ୍ତି । ନିଜର ଖଣ୍ଡେ ପଦର କିସମ ଜମିଥିଲେ ମଧ୍ୟ ସେଥିରେ କେବେ କେମିତି ରାଶି ବା କାନ୍ଦୁଲ ବୁଣି ଦିଅନ୍ତି । କରୋନା ସମୟରେ ବାହାର ମଜୁରୀ କାମ ନମିଳିବାରୁ ପରିବାର ଚଳାଇବା ତାଙ୍କୁ ବହୁତ କଷ୍ଟକର ହେଲା । ଗାଁରେ ଥିବା ବନସୁରକ୍ଷା ସମିତିରେ ଗାଁ ଲୋକମାନେ ଭୋଗୁଥିବା ଅଭାବ ଅସୁବିଧା ବିଷୟରେ ଯୋତେବେଳେ ଆଲୋଚନା ହେଲା ସେ ନିଜ କଥାଟି ଉପସ୍ଥାପନ କଲେ । ଆଲୋଚନା ପରେ ସହଯୋଗୀ ସଂସ୍ଥା ସ୍ୱାତୀ ତରଫରୁ ତାଙ୍କୁ ନିଜର ପଦର ଜମିଟିରେ ଝୁଡଙ୍ଗ ଚାଷ କରିବାପାଇଁ ପ୍ରସ୍ତାବ ଦିଆଗଲା ଏବଂ ଏଥିରେ ସେ ସମ୍ମତ ହେଲେ । କାର୍ଯ୍ୟକ୍ରମ ଜରିଆରେ ତାଙ୍କୁ ୨ କିଲୋ ଝୁଡଙ୍ଗ ମଂଜି ଯୋଗାଇ ଦିଆଗଲା । ସେ ଜମିଟିରେ ବାଡ ବେଢାଇ, ଚାଷ କରି, ଜଙ୍ଗଲୀ ପାଚସଢା ପତ୍ର, କମ୍ପୋଷ୍ଟ ଓ ଗୋବର ଖତ ଆଦି ଦେଇ ମଂଜି ଲଗାଇଲେ । ତାଙ୍କର ଯତ୍ନ ଯୋଗୁଁ ଝୁଡଙ୍ଗ ଚାଷ ବେଶ୍ ଭଲ ହେଲା ।

ସେ ଚାଷରୁ ଥରକୁ ୫୦ କିଲୋ ଲେଖାଏଁ ଝୁଡଙ୍ଗ ଉତ୍ପାଦନ କଲେ ଏବଂ ସମୁଦାୟ ୮ କ୍ୱିଂଟାଲ୍ ଝୁଡଙ୍ଗ ପାଇଲେ । ଝୁଡଙ୍ଗ ସବୁ ନେଇ ପାଖ ଜଗନ୍ନାଥପ୍ରସାଦ ବଜାରରେ କିଲୋପ୍ରତି ୧୫ ରୁ ୨୦ ଟଙ୍କା ଲେଖାଏଁ ବିକ୍ରିକଲେ । ସମୁଦାୟ ଝୁଡଙ୍ଗରୁ ତାଙ୍କୁ ୧୫୦୦୦ଟଙ୍କା ରୋଜଗାର ମିଳିଲା । ଗିରିଧାରୀଙ୍କ କହିବା ଅନୁଯାୟୀ, ସେ ଆଗରୁ କେବେ ଝୁଡଙ୍ଗ ଚାଷ କରିନଥିଲେ । ଛୋଟିଆ ଜାଗାଟିରେ ଚାଷ କରି ସେ ୩ ମାସରେ ୧୫ ହଜାର ଟଙ୍କା ପାଇପାରିଲେ । କରୋନା ସମୟରେ ଏହି ରୋଜଗାର ତାଙ୍କ ପାଇଁ ବହୁତ ବଡ ସହାୟତା । ଆଗକୁ ଅଧିକ ଜମିରେ ଝୁଡଙ୍ଗ ଚାଷ ସହ ଅନ୍ୟାନ୍ୟ ପନିପରିବା ଚାଷ କରିବାକୁ ସେ ନିଷ୍ପତ୍ତି ନେଇଛନ୍ତି ।

# କରୋନା ନିୟନ୍ତ୍ରଣ ପାଇଁ ମାସ୍କ ପ୍ରସ୍ତୁତ କଲେ ମା ଗୋଜବାୟାଣୀ ମହିଳା ଦଳ



ସାରା ଦେଶ ଓ ରାଜ୍ୟରେ କରୋନା ରୋଗର ପ୍ରାଦୁର୍ଭାବ ଜାରି ରହିଥିବାବେଳେ ସହର ଠାରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଲୋକମାନଙ୍କ ଭିତରେ ସଚେତନତା ଓ ପ୍ରତିଷେଧ ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ ହୋଇ ପଡିଛି । ଗହଳିପୂର୍ଣ୍ଣ ସ୍ଥାନରୁ ନିଜକୁ ଦୂରେଇ ରଖିବା, ଲୋକ ଗହଳି ହେବାପରି କାର୍ଯ୍ୟକ୍ରମ ଆୟୋଜନ ନକରିବା, ନୀୟମିତ ବ୍ୟବଧାନରେ ହାତ ଭଲଭାବରେ ଧୋଇବା ଓ ମୁହଁରେ ମାସ୍କ ପରିଧାନ କରିବା କରୋନା ପ୍ରତିଷେଧ ଗୁଡିକ ମଧରେ ମୁଖ୍ୟ । ସାଧାରଣତଃ ଲୋକମାନେ ଏ ସଂପର୍କରେ ଅବହେଳା କରୁଥିବାରୁ ସରକାରଙ୍କ ଦ୍ୱାରା ସଚେତନତତା, ନୀୟମ ଓ କଟକଣା ଆଦି କରାହୋଇ ଆସୁଛି । ଗାଁ ଗହଳିର ଲୋକମାନଙ୍କ ଭିତରେ ସଚେତନତାର ଅଭାବ ଓ ଅବହେଳା ଟିକିଏ ଅଧିକ । ସେଠାରେ ମାସ୍କର ଉପଲବ୍ଧତା ଓ କିଣିବାରେ ଅକ୍ଷମତା ମଧ ବେଳେବେଳେ ବାଧକ ସାଜିଥାଏ । ଅଭ୍ୟନ୍ତରୀଣ ଗାଁ ଗୁଡିକରେ ମାସ୍କ ମିଳେନାହିଁ । ସେହିପରି ଅଭାବି ପରିବାର ଗୁଡିକ ମାସ୍କଟିଏ କିଣିବାକୁ ଅସମର୍ଥ ହୁଅନ୍ତି । ତେବେ ସ୍ୱାତୀ ଅନୁଷ୍ଠାନ ଏବଂ ବନବିଭାଗର ଦିଗ୍‌ଦର୍ଶନରେ ଗଂଜାମ ଜିଲ୍ଲା ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ବ୍ଲକ୍ ଅଂଚଳରେ ଆଭ୍ୟନ୍ତରୀଣ ଗାଁ ଗୁଡିକର ମହିଳା ଦଳ ଗୁଡିକ ମାସ୍କ ପ୍ରସ୍ତୁ କରି କମ୍ ଦାମ୍‌ରେ ଲୋକମାନଙ୍କୁ ଯୋଗାଇଦେବା ସହ ଏହାକୁ ପିନ୍ଧିବାର ଉପକାରିତା ବିଷୟରେ ଲୋକମାନଙ୍କୁ ସଚେତନ କରୁଛନ୍ତି ।

ଜଗନ୍ନାଥପ୍ରସାଦ ବ୍ଲକ୍ ପତ୍ରାପଲ୍ଲୀର ମା ଗୋଜବାୟାଣୀ  ମହିଳା ସ୍ୱୟଂସହାୟିକାଦଳ । ଗାଁର ୧୧ ଜଣ ମହିଳା ମିଶି ଗଢିଛନ୍ତି ଦଳଟି । ଏହି ଗାଁରେ ଦକ୍ଷିଣ ଘୁମୁସର ବନଖଣ୍ଡ ଜରିଆରେ ଓଡିଶା ବନାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ – ଭାଗ ୨ କାର୍ଯ୍ୟକାରୀ କରାଯାଉଛି । ସ୍ୱାତୀ ଅନୁଷ୍ଠାନ ଓ ସ୍ଥାନୀୟ ବନବିଭାଗ ଦ୍ୱାରା ଏହି ଯୋଜନା ମାଧମରେ ଗାଁର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସହ ଗାଁର ତୃଣମୂଳସ୍ତରୀୟ ସଂଗଠନ ଗୁଡିକୁ ଦୃଢ ଓ ସକ୍ଷମ କରାଯାଉଛି । ଏହି ମହିଳାଦଳର ସଭ୍ୟା ମାନଙ୍କୁ ବିଭିନ୍ନ ଦକ୍ଷତାବୃଦ୍ଧି ତାଲିମ୍ ଦିଆଯିବା ସହ ସେମାନଙ୍କ ସଂଚୟ ବୃଦ୍ଧି ଓ ବ୍ୟାଙ୍କ ସଂପର୍କ ଆଦି କରାଯାଇଛି ।



ଗତ ୨୦୨୦ ମାର୍ଚ୍ଚ ମାସରୁ ଯେତେବେଳେ ସାରାଦେଶରେ କରୋନା ବ୍ୟାପିଲା ଏବଂ ତାଲାବନ୍ଦ ଘୋଷଣା କରାଗଲା ସେତେବେଳେ ଏହି ଗାଁଗୁଡିକରେ ମଧ୍ୟ ଲୋକମାନେ ବିଶେଷ ଭୟଭିତ ହୋଇପଡିଲେ । କରୋନା ମୁକାବିଲା ପାଇଁ ସମସ୍ତଙ୍କୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଗଲା । ତେବେ ଗାଁରେ ମାସ୍କ ମିଳିବା ବହୁତ କଷ୍ଟ ଥିଲା । ବାହାର ବଜାରରେ ମାସ୍କ ଗୋଟିପ୍ରତି ୫୦ ରୁ ୧୦୦ ଟଙ୍କା ଦରରେ ବିକ୍ରି କରାଗଲା । ଗାଁର ଅଭାବି ଲୋକମାନେ ପରିବାରରେ ସମସ୍ତଙ୍କ ପାଇଁ ତାହା କିଣିବା ସମ୍ଭବ ନଥିଲା । ସ୍ୱାତୀ ଓ ବନବିଭାଗର କର୍ମୀମାନେ ଗାଁରେ ଯେତେବେଳେ ମାସ୍କ ପିନ୍ଧିବା ସଂପର୍କରେ ସଚେତନ କଲେ ଲୋକମାନେ ଏହି ସମସ୍ୟାଟି ଉପସ୍ଥାପନ କଲେ । ତେଣୁ ଗାଁସ୍ତରରେ କିପରି କମ୍‌ମୂଲ୍ୟରେ ମାସ୍କ ମିଳିବ ସେସଂପର୍କରେ ଯୋଜନା କରାଗଲା । ଗାଁର ମା ଗୋଜବାୟାଣୀ ମହିଳା ସ୍ୱୟଂସହାୟିକାଦଳ ମାସ୍କ ତିଆରି ପାଇଁ ସମ୍ମତି ଜଣାଇଲେ । ସ୍ୱାସ୍ଥ୍ୟ ବିଭାଗ ଅଧିସୂଚନା ମୁତାବକ କିପରି ସୂତା କପଡାର ମାସ୍କ ତିଆରି କରିହେବ ସେ ସଂପର୍କରେ ସଭ୍ୟାମାନଙ୍କୁ ତାଲିମ ଦିଆଗଲା । ଦଳର ତିନିଜଣ ମହିଳା ସିଲେଇ ଶିଖିଥିବାରୁ ଏହାର ତିଆରି ଦାୟିତ୍ୱ ନେଲେ । ଦଳର ପାଣ୍ଠିକୁ ବିନିଯୋଗ କରି ସେମାନେ ମାସ୍କ ପ୍ରସ୍ତୁତି ପାଇଁ ଆବଶ୍ୟକୀୟ ଉପକରଣ କିଣି ଆଣିଲେ ଓ ମାସ୍କ ପ୍ରସ୍ତୁତିରେ ଲାଗି ପଡିଲେ ।



ସେମାନେ ପ୍ରଥମ ପର୍ଯ୍ୟାୟରେ ୩୦୦୦ ମାସ୍କ ପ୍ରସ୍ତୁତ କଲେ । ବାହାର ବଜାରରେ ମାସ୍କ ମୂଲ୍ୟ ଗୋଟି ପ୍ରତି ୩୦ ରୁ ୪୦ ଟଙ୍କା ରହୁଥିବାବେଳେ ସେମାନଙ୍କ ତିଆରି ମାସ୍କ ୧୫ ରୁ ୨୦ ଟଙ୍କା ପର୍ଯ୍ୟନ୍ତ ରହିଲା । ସେମାନେ ପ୍ରଥମେ ଗାଁ ଓ ପାଖ ପଡୋଶୀ ଗାଁ ଗୁଡିକରେ ତାହା ବିକ୍ରି କଲେ । ଆଖପାଖ ଗାଁକୁ ମାସ୍କ ଯୋଗାଇବା ପାଇଁ ସେମାନେ ବ୍ଲକରୁ ପାଶ୍ ମଧ୍ୟ ଯୋଗାଡ କଲେ । ସ୍ୱାତୀ ଓ ବନବିଭାଗ ଜରିଆରେ ବିଭିନ୍ନ ମନରେଗା ଶ୍ରମିକ, ବନ ସୁରକ୍ଷା ସମିତି ସଭ୍ୟସଭ୍ୟା ଓ ଜଙ୍ଗଲ ଶ୍ରମିକ ମାନଙ୍କୁ ମଧ୍ୟ ମାସ୍କ ଯୋଗାଇ ଦିଆଗଲା । ସେମାନଙ୍କ ଏହି ଉଦ୍ୟମ ଯୋଗୁଁ ଗାଁ ଗୁଡିକର ଲୋକମାନେ କମ୍ ଦରରେ ମାସ୍କ ପାଇବା ସହ ମାସ୍କ ପିନ୍ଧିବାର ଅଭ୍ୟାସ ବଢିପାରିଛି । ମହିଳାଦଳର ସଭ୍ୟାମାନେ କରୋନା କଟକଣା ସମୟରେ ଏଥିରୁ କିଛି ରୋଜଗାରର ସୁବିଧା ବି ପାଇପାରିଛନ୍ତି । ଏହି ମାସ୍କ ପ୍ରସ୍ତୁତି କାର୍ଯ୍ୟ ଯୋଗୁଁ ଗାଁର ସମସ୍ତ ପରିବାର ମାସ୍କ ବ୍ୟବହାରର ଗୁରୁତ୍ୱ ବୁଝିବା ସହ ମାସ୍କ ପରିଧାନ କରିବାର ସୁଯୋଗ ପାଇଲେ ବୋଲି କହନ୍ତି ଦଳର ସଭାନେତ୍ରୀ ଗାୟତ୍ରୀ ନାୟକ ।

# ଘରବାହୁଡା ପ୍ରବାସୀ ଶ୍ରମିକଙ୍କ ପାଇଁ ଗାଁରେ ରୋଜଗାରର ବାଟ ଦେଖାଇଲେ ରାମଚନ୍ଦ୍ର



କରୋନା କଟକଣା ସମୟରେ ସବୁଠାରୁ ଅଧିକ ଅସୁବିଧାର ସମ୍ମୁଖିନ ହେଉଛନ୍ତି ପ୍ରବାସୀ ଶ୍ରମିକମାନେ । ରୋଜଗାର ପାଇଁ ସେମାନେ ଗାଁ ଛାଡି ସହରକୁ ଚାଲିଯାଇଥିଲେ । ସେଠାରେ ବିଭିନ୍ନ ନିର୍ମାଣକାର୍ଯ୍ୟରେ ମଜୁରିଆ ହିସାବରେ କାମକରି କିଛି କିଛି ରୋଜଗାର କରୁଥିଲେ । ତେବେ କରୋନା କଟକଣା ଯୋଗୁଁ ଯେତେବେଳେ ସବୁଆଡେ କାମଧନ୍ଦା ବନ୍ଦ ହୋଇଗଲା ଓ ଗାଡିମଟର ଯୋଗାଯୋଗ ଆଦି ଠପ୍ ହୋଇଗଲା ସେମାନେ ବିଶେଷ ଭୟଭିତ ହୋଇପଡିଲେ । ସହରରେ ସେମାନଙ୍କର ବିଶେଷ ସଂଚୟ ନଥିଲା, କାମରୁ ଯାହା ରୋଜଗାର ହେଉଥିଲା ସେଥିରେ ହିଁ ଚଳୁଥିଲେ । କାମବନ୍ଦ ହେବାପରେ ସେଠାରେ ରହି ନିଜେ ଚଳିବା ଓ ଘରଭଡା ଆଦି ଦେବା ଆଦୌ ସମ୍ଭବ ନଥିଲା । ଅନ୍ୟପକ୍ଷରେ ଗାଁକୁ ଫେରିବାକୁ କୌଣସି ସୁଯୋଗ ନଥିଲା । ଥରକୁ ଥର ତାଲାବନ୍ଦୀ ଘୋଷଣା ବଢିବା ଯୋଗୁଁ ପ୍ରବାସୀ ଶ୍ରମିକମାନେ ସହରରେ ରହି ନପାରି ଚାଲି ଚାଲି ଗାଁକୁ ବାହାରିଲେ । ମୁଣ୍ଡରେ ଆସବାବପତ୍ର ମୁଣ୍ଡେଇ ଦିନ ପରେ ଦିନ ଭୋକ ଉପାସରେ ଚାଲିଲେ ।

କରୋନା ସମୟରେ ପ୍ରାୟ ସବୁ ପ୍ରବାସୀ ଶ୍ରମିକ ଗାଁକୁ ଫେରି ଆସିଥିଲେ । ସେମାନଙ୍କୁ ଭିତରୁ କେତେକ ପାଖ ପଡୋଶୀ ରାଜ୍ୟକୁ ଯାଇଥିଲେ ଓ ଅନ୍ୟ କେତେକ ରାଜ୍ୟର ବିଭିନ୍ନ ସହରରେ କାମ ଖଟୁଥିଲେ । ଗାଁକୁ ଫେରିବାର ଅନୁଭୂତି ସମସ୍ତଙ୍କର ଏକ ଏକ ଦୁଃଖ ଓ ଯନ୍ତଣାର କାହାଣୀ ଥିଲା । ଗାଁରେ ପହଂଚିବା ପରେ ସେମାନେ ଆଶ୍ୱସ୍ତ ଥିଲେ ବି ରୋଜଗାର ହିଁ ବଡ ଚିନ୍ତା ଥିଲା । ସେମାନଙ୍କ ଭିତରୁ ଅନେକ ଥିଲେ ଅଣକୁଶଳୀ ଯେଉଁମାନେ ଗାଁରେ ଚାଷବାସ କରୁଥିଲେ । ତେବେ ଗାଁରେ ଚାଷର ଭିତ୍ତିଭୂମି ବିକାଶ ହୋଇ ନପାରିବା ଏବଂ ଚାଷରୁ ବିଶେଷ ଲାଭବାନ ହୋଇ ନପାରିବା କାରଣରୁ ସେମାନେ ରୋଜଗାର ଅନ୍ୱେଷଣରେ ବାହାରକୁ ଚାଲିଯାଉଥିଲେ । କିନ୍ତୁ କରୋନା ଭଳି ପରିସ୍ଥିତି

ଲାଗି ରହିଲେ ସେମାନେ କିପରି ଚଳିବେ ତାହା ଥିଲା ସେମାନଙ୍କ ପାଇଁ ବଡ ପ୍ରଶ୍ନ । ତେବେ ଏପରି ଏକ ପ୍ରଶ୍ନର ଏକ ଉଦାହରଣୀୟ ସମାଧାନ ଆଣିପାରିଛନ୍ତି ଯୁବଚାଷୀ ରାମଚନ୍ଦ୍ର ।



ଭଂଜନଗର ବ୍ଲକ୍ କୁଲାଡ ନିକଟସ୍ଥ କୋଟିବିରାଡି ଗାଁରେ ରାମଚନ୍ଦ୍ରଙ୍କ ଘର । ନିଜର କିଛି ଜମି ରହିଥିଲେ ମଧ୍ୟ ସେଥିରୁ ଅଳ୍ପ କିଛି ଜମି ଧାନଚାଷ ଉପଯୋଗୀ । ସେଥିରୁ ପରିବାର ଚଳାଇବାରେ ନାନା ଅସୁବିଧାର ସମ୍ମୁଖିନ ହୁଅନ୍ତି ରାମଚନ୍ଦ୍ର । ତାଙ୍କର ଗାଁ ମୁଣ୍ଡ ପାହାଡ ତଳେ କିଛି ଜମି ରହିଥିଲେ ମଧ୍ୟ ତାହା ଢେପ ଓ ବଞ୍ଜର କିସମର । ସେଥିରେ କେବଳ କୋଳଥ ରାଶି ପରି କିଛି ଫସଲ ହୁଏ ଏବଂ ଅଧିକାଂଶ ବୁଲାପଶୁମାନେ ନଷ୍ଟ କରିଦିଅନ୍ତି । ତେବେ ଗାଁର ଲୋକମାନେ କାମଧନ୍ଦା ଖୋଜି ସୁରାଟ, ବମ୍ବେ ଆଦି ଚାଲିଯାଉଥିବାବେଳେ ରାମଚନ୍ଦ୍ର କିନ୍ତୁ ଚାଷରୁ ହିଁ ରୋଜଗାର ବଢାଇବାକୁ ନିଷ୍ପ□ନେଲେ । ସେ ଓ ତାଙ୍କ ସ୍ତ୍ରୀ ରଶ୍ମିତା ମିଶି ଗାଁ ମୁଣ୍ଡ ବଞ୍ଜର ଜମିଟିକୁ ଉତ୍ପାଦନକ୍ଷମ କରିବାକୁ ଲାଗିପଡିଲେ । ମାଳବୁଦା ହୋଇ ପଡିଥିବା ଜାଗାଟିକୁ ସଫାକରି ହିଡ ଦେଲେ । କୃଷିବିଭାଗ କାର୍ଯ୍ୟାଳୟରେ ଜମିର ମାଟି ପରିକ୍ଷା କରି ସେହି ଅନୁସାରେ କମ୍ପୋଷ୍ଟ ଓ ଖତ ଆଦି ଦେଇ ମାଟିର ଗୁଣ ବଦଳାଇଲେ ।

ଉତ୍ତର ଘୁମୁସର ବନଖଣ୍ଡ ଅଧିନରେ ଚାଲୁଥିବା ବନାଂଚଳ ଉନ୍ନୟନ କାର୍ଯ୍ୟକ୍ରମ – ଭାଗ ୨ ଅଧିନରେ ରହିଛି ଏହି ଗାଁଟି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗାଁ ଲୋକମାନଙ୍କ ଜୀବନଜୀବିକାର ଉନ୍ନତୀ ପାଇଁ ସହଯୋଗ ଦିଆଯାଇଥାଏ । ଚାଷପ୍ରତି ରାମଚନ୍ଦ୍ରଙ୍କର ଉତ୍ସାହ ଦେଖି ଏହି କାର୍ଯ୍ୟକ୍ରମର କ୍ଷେତ୍ରୀୟ ସହାୟତା କରଥିବା ସାତୀ ଅନୁଷ୍ଠାନର କର୍ମୀ ଓ ବନବିଭାଗ କର୍ମଚାରୀ ମାନେ ତାଙ୍କୁ ଗେଣ୍ଡୁଫୁଲଚାଷ ପାଇଁ ଉତ୍ସାହିତ କଲେ । ରାଜ୍ୟରେ ଏବେ ଫୁଲ ପ୍ରତି ଆଦର ବଢୁଥିବାରୁ ଏବଂ ବାହାପୁଆଣି, ମେଳା ମହୋତ୍ସବ, ପୂଜାପର୍ବ ଆଦିରେ ଗେଣ୍ଡୁଫୁଲମାଳର ଚାହିଦା ବହୁତ ବଢିଛି । ଏହାର ମଧ୍ୟ ବଜାର ସୁବିଧା ସବୁସମୟରେ ରହିଛି । ତେଣୁ କରୋନା କାଳୀନ ସହାୟତା ହିସାବରେ ତାଙ୍କୁ ଉଦ୍ୟାନବିଭାଗ ଜରିଆରେ ୧୪୫୦୦ ଗେଣ୍ଡୁ ଚାରା ଯୋଗାଇ ଦିଆଗଲା । ରାମଚନ୍ଦ୍ର ଓ ରଶ୍ମିତା ଜମିକୁ ଭଲଭାବେ ଚାଷକରି, କମ୍ପୋଷ୍ଟ ଓ ଖତ ପ୍ରୟୋଗ କରି ଚାରା ଗୁଡିକୁ ଧାଡିଧାଡି ଲଗାଇଲେ । ନୀୟମିତ ବ୍ୟବଧାନରେ ଜଳସେଚନ କଲେ । ଦେଢମାସ ପରେ ଫୁଲ ଉତ୍ପାଦନ ଆରମ୍ଭ ହେଲା । ପ୍ରଥମ ଥର ସେମାନେ ୧୦୦ କିଲୋ ଫୁଲ ତୋଳିଲେ । ପାଖ ଭଞ୍ଜନଗର ବଜାରରେ କିଲୋପ୍ରତି ୭୦ ଟଙ୍କା ଦରରେ ବିକ୍ରିକଲେ । ସେମାନେ ସମୁଦାୟ ୩୫୦ କିଲୋ ଫୁଲ

ଉତ୍ପାଦନ କଲେ ଓ ବିକ୍ରିରୁ ୨୪୫୦୦ଟଙ୍କା ମିଳିଲା । ସମସ୍ତ ଖର୍ଚ୍ଚ ବାବଦକୁ ୭୫୦୦ ଯାଇ ୧୭ ହଜାର ଟଙ୍କା ରୋଜଗାର ମିଳିଲା । ଫୁଲଚାଷ କରିବାରୁ ସେହି ପାଖରେ ବାଇଗଣ ଓ ଟମାଟୋ ଆଦି ପନିପରିବା ଚାଷ ମଧ କଲେ । ଏଥିରୁ ଘରଖର୍ଚ୍ଚ ଚଳିବା ସହ ୩୦ ହଜାରରୁ ଅଧିକ ରୋଜଗାର ହୋଇ ପାରିଲା । ରାମଚନ୍ଦ୍ରଙ୍କ ମତରେ ଚାଷ କାମରେ ଲାଭ ରହିଛି । ବଜାର ଆବଶ୍ୟକତାକୁ ଚାହିଁ ଚାଷକଲେ ନିଶ୍ଚୟ ଅଧିକ ରୋଜଗାର ମିଳିବ ।

ବାହାର ଅଂଚଳକୁ ଯାଇ ମଜୁରୀ ଖଟିବା ଏବଂ କରୋନା ପରି ପରିସ୍ଥିତିରେ ହଇରାଣ ହରକତ ହେବା ଅପେକ୍ଷା ଗାଁରେ ରୋଜଗାର ବ୍ୟବସ୍ଥା ସୃଷ୍ଟି କରିବା ବର୍ତ୍ତମାନ ସମୟର ଜରୁରୀ ଆବଶ୍ୟକତା ।  ରାମଚନ୍ଦ୍ରଙ୍କ ଏହି ଫୁଲଚାଷ ଅନ୍ୟ ଯୁବଚାଷୀ ମାନଙ୍କ ପାଇଁ ଏକ ଉଦାହରଣ ନିଶ୍ଚୟ ।

## ଖଲି ତିଆରିର ପ୍ରାପ୍ୟ ମୂଲ୍ୟ ପାଇଲେ ଆରାଲୁ



ଜଗନ୍ନାଥ ପ୍ରସାଦ ବ୍ଲକ୍ ଗେରେଡା ପଂଚାୟତର ଭୁଷୁଭୁଷା ଗାଁର ଅରାଲୁ ପାତ୍ର । ୪୫ ବର୍ଷିଆ ଅରାଲୁ ଗାଁ ମୁଣ୍ଡରେ ଛୋଟ କୁଡିଆ ଘରଟିଏ କରି ରହନ୍ତି । ନିଜେ ଅବିବାହିତା ଏବଂ ଜଣେ ଦିବ୍ୟାଙ୍ଗ ଭଉଣୀର ବୋଝ ତାଙ୍କ ଉପରେ । ଜମିବାଡ କିଛି ନାହିଁ । ଗାଁରେ କୁଲିମଜୁରୀ ଲାଗି, ବିଭିନ୍ନ ଜଙ୍ଗଲୀ ଜିନିଷ ସଂଗ୍ରହ କରି ଚଳନ୍ତି । କରୋନା ସମୟଟି ତାଙ୍କ ପାଇଁ ବଡ ଅଭାବ ଅସୁବିଧାର ସମୟ ହୋଇ ଛିଡାହେଲା । ଗାଁରେ କିଛି ମୂଲମଜୁରୀ କାମ ମିଳିଲା ନାହିଁ । ସରକାରୀ ବିପିଏଲ୍ ଚାଉଳ କିଛି ମିଳିଲେ ମଧ ତେଲ, ଲୁଣ ଓ ପରିବା ଟିକେ କିଣିବାକୁ ତ ହାତରେ ଦି ପଇସା ଲୋଡା । ତେଣୁ ଜଙ୍ଗଲରୁ ଶାଳପତ୍ର ସଂଗ୍ରହ କରି ସେ ଖଲି ପ୍ରସ୍ତୁତ କଲେ । କିନ୍ତୁ କରୋନା କଟକଣା ଯୋଗୁଁ କେହି ବ୍ୟବସାୟୀ ଗାଁକୁ ଆସିଲେ ନାହିଁ । କଟକଣା ଟିକେ କୋହଳ ହେବାରୁ ସେ ଖଲି ବିକିବା ପାଇଁ ବେପାରୀ ମାନଙ୍କ ସହ ଯୋଗାଯୋଗ କଲେ । କିନ୍ତୁ କରୋନା ଯୋଗୁଁ ବାହାପୁଆଣି, ମେଳା ମହୋତ୍ସବ ଓ ଭୋଜିଭାତ ଆଦି ବନ୍ଦ ଥିବାରୁ ଖଲିର ଚାହିଦା ନଥିବା ଦର୍ଶାଇ ବ୍ୟବସାୟୀ ମାନେ ଖଲି ୧୦୦ ପ୍ରତି ମାତ୍ର ୩୫ ଟଙ୍କା ମୂଲ କଲେ । ତେବେ ଦିନ ଦିନ ପରିଶ୍ରମ କରି ଟଙ୍କା ୩୦ଟି ପାଇବେ ନାହିଁ ବୋଲି ଭାବି  ଅରାଲୁ ଖଲି ବିକିଲେ ନାହିଁ ।

ଭୁଷୁଭୁଷା ଗାଁରେ ଗତ ତିନି ବର୍ଷ ହେବ ଓଡିଶା ବନାଂଚଳ ଉନ୍ନୟନ କାର୍ଯ୍ୟକ୍ରମ – ଭାଗ ୨ ଚାଲୁଛି । ଉତ୍ତର ଘୁମୁସର ବନଖଣ୍ଡ ଦ୍ୱାରା ଏହି କାର୍ଯ୍ୟକ୍ରମ ଚାଲୁଥିବାବେଳେ ସ୍ୱାତୀ ଅନୁଷ୍ଠାନ ଏହାର କ୍ଷେତ୍ର ସହାୟତା କରୁଛି । ଏହି କାର୍ଯ୍ୟକ୍ରମ ଜରିଆରେ ଜଙ୍ଗଲ ଅଂଚଳର ଗାଁ ଗୁଡିକରେ ଜୀବନଜୀବିକା ଓ ଭିତ୍ତିଭୂମୀର ବିକାଶ କରାଯିବା ସହ ସେମାନଙ୍କୁ ଜଙ୍ଗଲ ସୁରକ୍ଷା ଦିଗରେ ଉତ୍ସାହିତ କରାଯାଉଛି । ଗାଁରେ ମହିଳା ମାନଙ୍କୁ ନେଇ ମହିଳାଦଳ ଗଠନ କରାଯାଇଛି ଏବଂ ସେମାନଙ୍କୁ ସଂଚୟ ଓ ରୋଜଗାର ଆଦି ଦିଗରେ ସହାୟତା କରାଯାଉଛି । ଅରାଲୁ ମଧ ମା ଗ୍ରାମଦେବତୀ ସ୍ୱୟଂସହାୟିକା ଦଳର ଜଣେ ସଭ୍ୟା । ସେ ନିଜର ଏହି ଅସୁବିଧା ସଂପର୍କରେ ଦଳରେ ଜଣାଇଲେ । ସ୍ୱାତୀ ତରଫରୁ ଖଲି ବିକ୍ରି ପାଇଁ ବ୍ୟବସାୟୀ ମାନଙ୍କ ସହ ଯୋଗାଯୋଗା କରାଗଲା । ଶେଷରେ ଜଣେ ବ୍ୟବସାୟୀ ଶହ ପ୍ରତି ୫୦ ଟଙ୍କା ମୂଲ୍ୟରେ ଖଲି କିଣିଲେ ।

## କରୋନା ସମୟରେ ରୋଜଗାର ସହାୟତା ଦେଲା ଝାଡୁ ସଂଗ୍ରହ



କରୋନା କଟକଣା ଓ କାମଧନ୍ଦା ଅଭାବ ସମୟରେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଅନେକ ଆଦିବାସୀ ଓ ଜଙ୍ଗଲବାସୀ ଗାଁ ଗୁଡିକର ଲୋକମାନଙ୍କ ପାଇଁ ରୋଜଗାରର ମାଧମ ପାଲଟିଛି । ଉତ୍ତର ଘୁମୁସର ବନଖଣ୍ଡ ଅଂଚଳରେ ଗତ ଚାରିବର୍ଷ ହେବ ଓଡିଶା ବନାଂଚଳ ଉନ୍ନୟନ କାର୍ଯ୍ୟକ୍ରମ ଚାଲୁଛି । ଏହି କାର୍ଯ୍ୟକ୍ରମ ମାଧମରେ ଜଙ୍ଗଲ ଅଂଚଳରେ ଥିବା ଗାଁ ଗୁଡିକର ଲୋକମାନଙ୍କୁ ସଂଗଠିତ କରାଯାଇ ବନସୁରକ୍ଷା ସମିତି ମାଧମରେ ଜଙ୍ଗଲ ସୁରକ୍ଷା କରାଉଥିବାରୁ ଜଙ୍ଗଲ ଚୋରି ଓ ଜଙ୍ଗଲପୋଡିକୁ ବନ୍ଦ କରାଯାଇପାରିଛି । ତେଣୁ ଲୋପ ପାଇ ଆସୁଥିବା ଜଙ୍ଗଲୀ ଜିନିଷ ସବୁ ଏବେ ଉପଲବ୍ଧ

ହେଲାଣି । କରୋନା ସମୟରେ ଗାଁ ଗୁଡିକର ଲୋକମାନେ ରୋଜଗାର ହରାଇଥିବା ବେଳେ ଜଙ୍ଗଲ ସେମାନଙ୍କୁ ଉଭୟ ଖାଦ୍ୟ ଓ ରୋଜଗାର ସହାୟତା ଦେଇଛି । ଜଙ୍ଗଲରୁ ଛତୁ, ଶାଗ, କନ୍ଦା ଆଦି ଜିନିଷ ସଂଗ୍ରହ କରି ଲୋକମାନେ ନିଜ ଖାଦ୍ୟ ଗୁଜୁରାଣ ମେ□ାଇଥିବାବେଳେ ଖଲିପତ୍ର ଓ ଫୁଲଝାଡୁ ଆଦି ସଂଗ୍ରହ କରି ରୋଜଗାର ସୁବିଧା ପାଉଛନ୍ତି ।

ଭଞ୍ଜନଗର ବ୍ଲକ୍ ଅନ୍ତର୍ଗତ ଗୁନାକିଆ ଗାଁର ଲୋକମାନେ ମା ବୁଢ଼ୀମା ବନସୁରକ୍ଷା ସମିତି ଗଢି ଜଙ୍ଗଲ ସୁରକ୍ଷା କରିଆସୁଛନ୍ତି । ବନବିଭାଗ ଓ ଗାଁ ଲୋକଙ୍କ ମିଳିତ ଉଦ୍ୟମରେ କ୍ଷୟ ହୋଇଆସୁଥିବା ଜଙ୍ଗଲଟି ଏବେ ବେଶ୍ ଘ□ ହୋଇ ବଢିଛି । ଗାଁ ଲୋକମାନେ ଜଙ୍ଗଲରେ କାଠଚୋରୀ ରୋକିବା ସହ ଖରାଦିନେ ଜଙ୍ଗଲପୋଡିରୁ ସୁରକ୍ଷା ଦେବା ଓ ଜଙ୍ଗଲୀଜନ୍ତୁ ଶିକାର ବନ୍ଦ କରିବା ଆଦି ଦିଗରେ ପଦକ୍ଷେପ ନେଉଛନ୍ତି । ଗାଁର ଲୋକମାନେ ଅଧିକାଂଶ ଗରୀବ ଶ୍ରେଣୀର ହୋଇଥିବାରୁ ମୂଲମଜୁରୀ ଉପରେ ନିର୍ଭର କରିଥାନ୍ତି । କରୋନା କଟକଣା ଯୋଗୁଁ ରୋଜଗାର ନମିଳିବାରୁ ସେମାନେ ଜଙ୍ଗଲ ଉପରେ ଆଶ୍ରାକଲେ । କେତେକ ପରିବାର ଶାଳ ଓ ଶିଆଳି ପତ୍ର ସଂଗ୍ରହ କରି ଖଲି ତିଆରି କଲେ । ଗାଁର ମହିଳାମାନେ ମିଶି ମା ଜଗତଜନନୀ ସ୍ୱୟଂ ସହାୟିକା ଦଳଟିଏ ଗଢିଛନ୍ତି । ସେମାନେ ଦଳଗତ ଭାବରେ କିଛି କିଛି ସଂଚୟ କରି ଅଭାବ ସମୟରେ ସେଥିରୁ ଋଣ ନେଇଥାନ୍ତି । କରୋନା ସମୟରେ ସେମାନେ ସମସ୍ତେ ମିଶି ଜଙ୍ଗଲକୁ ଯାଇ ଫୁଲଝାଡୁ ସଂଗ୍ରହ କଲେ । ସେହିପରି ନିଜ ପାଣ୍ଠିକୁ ବିନିଯୋଗ କରି ଆଖପାଖ ଗାଁରୁ କିଛି ଫୁଲଝାଡୁ ମଧ କିଣିଲେ । ସେଥିରେ ଝାଡୁ ବାନ୍ଧି ବ୍ୟବସାୟୀ ମାନଙ୍କୁ ବିକ୍ରିକଲେ । ପ୍ରଥମେ ସେମାନେ ୧୦୦ଟି ଝାଡୁ ବିକି ୨୦୦୦ ଟଙ୍କା ରୋଜଗାର କଲେ । ଏହା ତାଙ୍କୁ ଅଧିକ ଉତ୍ସାହିତ କଲା । ଏହାପରେ ସେମାନେ ଅଧିକ ପରିମାଣର ଝାଡୁ ସଂଗ୍ରହରେ ଲାଗିପଡିଲେ ।

ଦଳର ସଭ୍ୟାମାନେ ମତ ଦିଅନ୍ତି ଯେ, ଏହି ଜଙ୍ଗଲ ସେମାନଙ୍କୁ କରୋନାକାଳୀନ ଅଭାବ ଅସୁବିଧାରୁ ବହୁତ ସୁରକ୍ଷା ଦେଉଛି । ସୁସ୍ଥ ପରିବେଶ ସହ ଯୋଡି ହୋଇ ରହିଥିବାରୁ ସେମାନଙ୍କ ଗାଁରେ ରୋଗ ସଂକ୍ରମଣର ଆଶଙ୍କା ବହୁତ କମ୍ । ସେମାନେ ଜଙ୍ଗଲରୁ ବିଭିନ୍ନ ଶାଗ ଓ କନ୍ଦା ସଂଗ୍ରହ କରି ଚଳି ପାରୁଛନ୍ତି । ସେହିପରି ଫୁଲଝାଡୁ ଓ ଖଲି ତିଆରିରୁ କିଛି କିଛି ରୋଜଗାର ମଧ କରିପାରୁଛନ୍ତି । ବର୍ତ୍ତମାନ ଫୁଲଝାଡୁର ବହୁତ ବଜାର ଚାହିଦା ଥିବାରୁ ଆଗକୁ ସେମାନେ ଅଧିକ ଫୁଲଝାଡୁ ସଂଗ୍ରହ କରିବା ସହ ଫୁଲଝାଡୁ ଚାଷ କରିବାକୁ ନିଷ୍ପତି ନେଇଛନ୍ତି ।



# ଗ୍ରାମୀଣ ମହିଳା ମାନଙ୍କୁ ରୋଜଗାର ସୁଯୋଗ ଦେଲା ଛତୁଚାଷ



କରୋନା ସମୟରେ ଗ୍ରାମୀଣ ଗରିବ ପରିବାର ଗୁଡିକ ଅଧିକ ସମସ୍ୟାର ସମ୍ମୁଖିନ ହେଲେ । କାମଧନ୍ଦା ଓ ଚଳପ୍ରଚଳ ବନ୍ଦ ହୋଇଯିବାରୁ ସେମାନେ ରୋଜଗାରହୀନ ହୋଇପଡିଲେ । ପରିବାରର ଖାଦ୍ୟ ସୁରକ୍ଷା ଏବଂ ଯାବତୀୟ ଖର୍ଚ୍ଚ ସେମାନଙ୍କ ପାଇଁ ଚିନ୍ତାର କାରଣ ହୋଇପଡିଲା । ପରିସ୍ଥିତିକୁ ଚାହିଁ ଗାଁ ଗୁଡିକରେ ମହିଳାମାନେ ନିଜ ଉଦ୍ୟମରେ କିଛିକିଛି ରୋଜଗାର ଭିତ୍ତିକ କାର୍ଯ୍ୟ ଆରମ୍ଭକଲେ । ଯୋଗୀମାରି ଗାଁର ମାମଙ୍ଗଳା ସ୍ୱୟଂସହାୟିକା ଦଳର ସଭ୍ୟାମାନଙ୍କ ଦ୍ୱାରା ଛତୁଚାଷ ସେ ଭିତରୁ ଗୋଟିଏ ।

ଭଞ୍ଜନଗର ବ୍ଲକ୍ ସାନକୋଦଣ୍ଡ ପଞ୍ଚାୟତର ଯୋଗୀମାରି ଗାଁ । ଏହି ଗାଁରେ ଉତ୍ତର ଘୁମୁସର ବନଖଣ୍ଡ ମାଧ୍ୟମରେ ଓଡିଶା ବନାଂଚଳ ଉନ୍ନୟନ କାର୍ଯ୍ୟକ୍ରମ ଚାଲୁଅଛି । ପ୍ରକଳ୍ପ ତରଫରୁ ଗାଁର ମହିଳାମାନଙ୍କୁ ନେଇ ମହିଳା ସ୍ୱୟଂସହାୟିକା ଦଳ ମାନ ଗଢାଯାଇଛି । ତେବେ ଦଳର ମହିଳାମାନେ ସବୁବେଳେ ଘରୋଇକାମ ଓ ଚାଷକାମରେ ବ୍ୟସ୍ତ ରହିଥାନ୍ତି । ଦଳରେ କେବଳ ସଂଚୟ ଛଡା ଅନ୍ୟ କିଛି ରୋଜଗାର ଭିତ୍ତିକ କାମ କରିବାକୁ ସମୟ ପାଆନ୍ତି ନାହିଁ । କରୋନା କଟକଣା ସମୟରେ ଘରୋଇ ଅଭାବ ଯୋଗୁଁ ସେମାନେ କିଛି ରୋଜଗାର ଭିତ୍ତିକ କାମ କରିବାକୁ ଚିନ୍ତାକଲେ । ସାତୀ କର୍ମୀ ଓ ବନବିଭାଗ କର୍ମଚାରୀ ମାନଙ୍କ ସହ ଆଲୋଚନା ପରେ ସେମାନେ ଘରେ ଛତୁଚାଷ ପାଇଁ ନିଷ୍ପତି ନେଲେ । କରୋନା କଟକଣା ହଟିବା ପରେ ଜୁନ୍ ମାସ ବେଳକୁ ସେମାନଙ୍କୁ ଛତୁଚାଷ କୌଶଳ ସଂପର୍କରେ ତାଲିମ୍ ଦିଆଗଲା । ସେମାନେ ଦଳର ପାଣ୍ଠିକୁ ବିନିଯୋଗ କରି ଛତୁଚାଷ ପାଇଁ ଆବଶ୍ୟକୀୟ ସାମଗ୍ରୀ, ନଡା, ଛତୁ ମଞ୍ଜି ଓ ପଲିଥିନ୍ ଆଦି କିଣିଲେ । ଗୋଟିଏ ଘରେ ଛତୁ ବେଡ୍ ପକାଇବା ପାଇଁ ଭାଡି ତିଆରିକଲେ । ସାତୀର କର୍ମୀ ସେମାନଙ୍କୁ ନଡା କାଟିବା,

ବେଡ୍ ପ୍ରସ୍ତୁତ କରିବା ଓ ଛତୁ ମଂଜି ପକାଇବା ଆଦି ସଂପର୍କରେ ବତାଇଦେଲେ । ପ୍ରଥମେ ସେମାନେ ୨୭ଟି ଛତୁ ବେଡ୍ ପକାଇଲେ । ସ୍ୱାତୀକର୍ମୀ ଥରକୁଥର ସେମାନଙ୍କୁ ମିଶି ବେଡ୍ ଗୁଡିକ ଯତ୍ନ ସଂପର୍କରେ ବୁଝାଇଲେ । ୧୫ ଦିନପରେ ଛତୁ ଫୁଟିବା ଆରମ୍ଭ ହେଲା । ସେମାନେ ପ୍ରତି ବେଡ୍‌ରୁ ପ୍ରାୟ ୧ କିଲୋରୁ ଦେଢ କିଲୋ ଛତୁ ପାଇଲେ । ବେଡ୍ ପିଛା ସେମାନେ ୭୫ଟଙ୍କା ଖର୍ଚ୍ଚ କରିଥିବାବେଳେ ହାରାହାରି ୨୦୦ଟଙ୍କା ଲାଭ ପାଇଲେ । ପ୍ରଥମଥର ସେମାନେ ଛତୁରୁ ୫୫୦୦ଟଙ୍କା ଲାଭ ପାଇଲେ ।

ଏବେ ସେମାନେ ଛତୁଚାଷରେ ବେଶ୍ ପାରଙ୍ଗମ । ଏହା ଏକ ଲାଭଜନକ କାମ ବୋଲି ସେମାନେ ହୃଦୟଙ୍ଗମ କରିପାରିଛନ୍ତି । ପାଖରେ ଭଞ୍ଜନଗର ବଜାର ଥିବାରୁ ଛତୁ ବିକ୍ରିର କୌଣସି ସମସ୍ୟା ମଧ ନାହିଁ । ସେମାନେ ଦ୍ୱିତୀୟ ଥର ବେଡ୍ ପାଇଁ ପ୍ରସ୍ତୁତି ଚଳାଇଛନ୍ତି ।

## କାରୁକାର୍ଯ୍ୟପୂର୍ଣ୍ଣ ବାଉଁଶ କାମ ଦେଲା ରୋଜଗାର ସହାୟତା



ଭଞ୍ଜନଗର ବ୍ଲକ ଅନ୍ତର୍ଗତ ସରପଡା ଗାଁର ଲୋକମାନେ ବଂଶାନୁକ୍ରମିକ ଭାବେ ବାଉଁଶ କାମ କରି ପରିବାର ଚଳାଇଥାନ୍ତି । ସେମାନେ କୁଲା, ଟୋପି, ଟାଙ୍ଗଡା ଆଦି ଘରୋଇ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ସହ ତଲାରି, ଟାଂଚ ଆଦି କୃଷି ବ୍ୟବହାର୍ଯ୍ୟ ସାମଗ୍ରୀ ତିଆରି କରି ଗାଁ ଗାଁରେ ବିକି ଚଳିଥାନ୍ତି । ତେବେ ଧିରେ ଧିରେ ଗାଁ ଗୁଡିକରେ ପ୍ଲାଷ୍ଟିକ୍ ଓ ପଲିଥିନ୍ ଜିନିଷର ବହୁଳ ବ୍ୟବହାର ଯୋଗୁଁ ସେମାନଙ୍କର ବାଉଁଶ ପ୍ରସ୍ତୁତ ଜିନିଷର ଚାହିଦା କମି ଆସୁଥିଲା । ତାଛଡା ଜଙ୍ଗଲରେ ବାଉଁଶର ଅଭାବ ଓ ଗାଁ ଗହଳରେ ସଠିକ୍ ମୂଲ୍ୟ ମିଳୁନଥିବାରୁ ବାଉଁଶ କାରିଗର ମାନେ ଏହି କାମ ପାଇଁ ହତୋତ୍ସାହିତ ହୋଇପଡୁଥିଲେ । ତେବେ ରୋଜଗାରର ଅନ୍ୟ ବ୍ୟବସ୍ଥା ନଥିବାରୁ ସେସବୁ କରିବାକୁ ବାଧ ହେଉଥିଲେ ।

ଏହି ଅଂଚଳରେ ଉତ୍ତର ଘୁମୁସର ବନଖଣ୍ଡ ମାଧମରେ ଓଡିଶା ବନାଂଚଳ ଉନ୍ନୟନ କାର୍ଯ୍ୟକ୍ରମ ଆରମ୍ଭ ହେବାପରେ ଗାଁ ଲୋକମାନଙ୍କର ଜୀବିକାର ଉନ୍ନତୀ ଦିଗରେ ବ୍ୟବସ୍ଥା କରାଗଲା । ସ୍ଥାନୀୟ ବନ ବିଭାଗ ଓ ସ୍ୱାତୀ ଅନୁଷ୍ଠାନ ସହାୟତାରେ ଗାଁ ଲୋକମାନଙ୍କ ସହ ମିଶି ସେମାନଙ୍କର ଏହି ପାରଂପରିକ କୌଳିକ ବୃତ୍ତିର କିପରି ବିକାଶ କରାଯାଇପାରିବ ସେ ବିଷୟରେ ଯୋଜନା କରାଗଲା । ଗାଁର ମହିଳା ମାନଙ୍କୁ ନେଇ ଶ୍ରୀହରି ସ୍ୱୟଂସହାୟିକା ଦଳ ଗଢାଗଲା । ସେମାନେ ନିୟମିତ ସଂଚୟ କରିବା ସହ ସେମାନଙ୍କୁ ବ୍ୟାଙ୍କ ଯୋଗାଯୋଗ କରି ଦିଆଗଲା । ସେମାନେ କରୁଥିବା ପାରଂପରିକ ବାଉଁଶ କାମରେ ଉନ୍ନତୀ ଆଣି ବାଉଁଶର ବିଭିନ୍ନ ଘରସଜ୍ଜା ଜିନିଷ ପ୍ରସ୍ତୁତ କରିବା ଓ ବଜାରରେ ବିକ୍ରିହେବା ପରି ସୁନ୍ଦର ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ଜିନିଷ ପ୍ରସ୍ତୁତ କରିବା ନିମନ୍ତେ ମହିଳା ମାନଙ୍କୁ ତାଲିମ୍ ଦିଆଗଲା । ସେମାନେ ବାଉଁଶରେ ପେନ୍ ଷ୍ଟାଣ୍ଡ, ଫୁଲ ଗଛ, ଟ୍ରେ, ଫାଇଲ୍ କଭର, ଡଷ୍ଟବିନ୍, ୱାଲ୍ ହାଙ୍ଗର, ଡୋର୍ ହାଙ୍ଗର ଆଦି ତିଆରି କରିବା ଶିଖିଲେ । ସେଗୁଡିକ ରଙ୍ଗ ଦେଇ ସୁନ୍ଦର କରିବାର କୌଶଳ ମଧ ଶିଖିଲେ ।



କରୋନା ସମୟରେ ଯେତେବେଳେ ହାଟବଜାର ବନ୍ଦ ହୋଇଗଲା ଏବଂ ଗାଁ ଗୁଡିକୁ ଯିବାରେ କଟକଣା ଲାଗିଲା ସେମାନଙ୍କ କୁଲାଟୋପି ବିକ୍ରି ବନ୍ଦ ହୋଇଗଲା । ଏହି ସମୟରେ ସେମାନେ ଶିଖିଥିବା ଘରସଜ୍ଜା ବାଉଁଶ କାମ କଲେ । ବିଭିନ୍ନ ବଜାର ଉପଯୋଗୀ ଜିନିଷ ପ୍ରସ୍ତୁତ କଲେ । କରୋନା କଟକଣା କୋହଳ ହେବାପରେ ସେମାନଙ୍କ ପ୍ରସ୍ତୁତ ଜିନିଷ ଗୁଡିକୁ ବିଭିନ୍ନ ପ୍ରଦର୍ଶନୀ ଓ ଭଞ୍ଜନଗର, ବେଲଗୁଣ୍ଠା ଆଦି ବଜାରରେ ବିକ୍ରିକଲେ ।

ଏବେ ସେମାନେ ପୁରୁଣା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସହ ଘରସଜ୍ଜା ଜିନିଷ ମଧ ପ୍ରସ୍ତୁତ କରୁଛନ୍ତି । ସେମାନଙ୍କ ସୁନ୍ଦର ସୁନ୍ଦର ବାଉଁଶ କାରିଗରି ଗୁଡିକର ବେଶ୍ ବଜାର ଚାହିଦା ମଧ ରହିଛି । ଏଥିରୁ ସେମାନଙ୍କର ରୋଜଗାର ମଧ ବେଶ୍ ବଢିଛି । ଆଗକୁ ସେମାନେ ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରଦର୍ଶନୀ ଗୁଡିକରେ ଭାଗନେବେ ବୋଲି ଯୋଜନା କରିଛନ୍ତି ।

# କରୋନା ସମୟରେ ରୋଜଗାର ସୁବିଧା ଦେଲା କୁକୁଡା ପାଳନ



ମୁଜାଗଡ ପଞ୍ଚାୟତ ଡାଙ୍ଗୁଆପଲ୍ଲୀ ଗାଁର ମଞ୍ଜୁଲତା । ଘରେ ତିନି ତିନିଟି ପାଠ ପଢୁଥିବା ପିଲା । ନିଜର ଚାଷ ଜମି ନଥିବାରୁ ମଞ୍ଜୁଲତା ଗାଁରେ ଚାଷକାମ ମଜୁରି, ଜାଳେଣୀ ସଂଗ୍ରହ ଓ ଘରବାଡିରେ କିଛିକିଛି ପରିବା ଚାଷ କରନ୍ତି । ସ୍ୱାମୀ ଅଶୋକ ଗାଁ ଗାଁ ବୁଲି ଛୋଟମୋଟ ବେପାର କରନ୍ତି । ସେଥିରୁ ଦିନକୁ ୨୦୦ ରୁ ୩୦୦ ଟଙ୍କା ରୋଜଗାର ହୁଏ । ସେଥିରୁ ଘର ଚଳିବା ସହ ପିଲାଙ୍କ ପଢା ଖର୍ଚ୍ଚ ଓ ଯାବତୀୟ ଘରୋଇ ଖର୍ଚ୍ଚ ତୁଲ ହୁଏ । କରୋନା ମହାମାରୀ ହେବାରୁ ଅଶୋକଙ୍କର ଗାଁ ବ୍ୟବସାୟ ବନ୍ଦ ହୋଇଗଲା । ଘରୋଇ ରୋଜଗାରର କୌଣସି ସୁବିଧା ନଥିବାରୁ ପରିବାର ଚଳିବାରେ ସମସ୍ୟା ଦେଖାଦେଲା । ମୁଜାଗଡ ଜଙ୍ଗଲ ରେଞ୍ଜ ଭିତରେ ଆସୁଥିବା ଏହି ଗାଁଟିରେ ଗତ ୩ ବର୍ଷ ହେବ ଓଡିଶା ବନା[illegible]କି ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଛି । ଏଥିରେ ଭୂମିହୀନ ଗରିବ ପରିବାର ଗୁଡିକ ଜୀବିକା ସୁରକ୍ଷା ପାଇଁ ବିଭିନ୍ନ ଅଣକୃଷି ଭିତ୍ତିକ ରୋଜଗାର ସହାୟତା ଦେବାର ବ୍ୟବସ୍ଥା ରହିଛି । ସ୍ଥାନୀୟ ବନବିଭାଗ ସହ ସ୍ୱାତୀ ଅନୁଷ୍ଠାନ ଗାଁରେ ବନ ସଂରକ୍ଷଣ ସମିତି ଓ ଗ୍ରାମବାସୀ ମାନଙ୍କ ସହ କରୋନା ଯୋଗୁଁ ଗାଁର ଲୋକମାନଙ୍କ ସମସ୍ୟା ସଂପର୍କରେ ଆଲୋଚନା କରୁଥିବାବେଳେ ଗାଁର ଅଭାବୀ ପରିବାର ଗୁଡିକର ଅବସ୍ଥା ବିଷୟ ସାମ୍ନାକୁ ଆସିଥିଲା । ତେଣୁ ଯୋଜନା ମାଧମରେ ସେମାନଙ୍କୁ ବନରାଜ କୁକୁଡା ପାଳନ ପାଇଁ ସହାୟତା କରିବାକୁ ନିଷ୍ପତ୍ତି ନିଆଗଲା ।

କାଳିଆ ଯୋଜନାରେ ସେମାନଙ୍କୁ ପ୍ରଥମେ ୨୫ଟି ଲେଖାଏଁ ୨୧ ଦିନିଆ ବନରାଜ କୁକୁଡା ଚିଆଁ ଯୋଗାଇ ଦିଆଗଲା । ମଞ୍ଜୁଲତା ମଧ ୨୫ଟି କୁକୁଡା ଚିଆଁ ପାଇଲେ । ଚିଆଁ ଗୁଡିକ ଆଣି ସେ ମଶାରୀ ଘେରାଇ ପାଳନ କଲେ । ସେମାନଙ୍କ ପାଇଁ ଖାଦ୍ୟ ମଧ ଯୋଗାଇ ଦିଆଗଲା । ରୋଗରୁ ରକ୍ଷା ପାଇବା ପାଇଁ ସେଗୁଡିକୁ ପ୍ରତିଷେଧକ ଟିକା ଦିଆଗଲା । ସ୍ୱାତୀର କର୍ମୀମାନେ ସମୟକୁ ସମୟ ସେମାନଙ୍କୁ ଭେଟି କୁକୁଡା ପାଳନ ସଂପର୍କରେ ପରାମର୍ଶ ଦେଲେ । ଦୁଇମାସ ମଧରେ କୁକୁଡା ଗୁଡିକ ୨ରୁ ୩ କିଲୋ ଲେଖାଏଁ ଓଜନର ହୋଇଯିବାରୁ ସେସବୁକୁ ବିକ୍ରି କରିବା ଆରମ୍ଭ କଲେ । ଗୋଟି ପ୍ରତି ୩୦୦ରୁ ଅଧିକ ଟଙ୍କାରେ ସେସବୁ ବିକ୍ରୀ ହେଲା ଏବଂ ୭୦୦୦ରୁ ଅଧିକ ଟଙ୍କା ସେ ଆୟ କଲେ । କରୋନା ସମୟରେ ଏହି ୭୦୦୦ ହଜାର ଟଙ୍କା ସେମାନଙ୍କ ପରିବାର ଚଳିବା ପାଇଁ ବହୁତ ସହାୟକ ହୋଇପାରିଛି ବୋଲି କହନ୍ତି ମଞ୍ଜୁଲତା । ଏହି ଘରୋଇ କୁକୁଡା ପାଳନ ବେଶ୍ ଲାଭଦାୟକ ଓ ପରିବାରର ଆୟରେ ଉନ୍ନତୀ ଆଣିପାରୁଛି । ଏବେ ସେ ଦ୍ୱିତିୟ ପର୍ଯ୍ୟାୟ କୁକୁଡା ପାଳନ ପାଇଁ ପ୍ରସ୍ତୁତି ଚଳାଇଛନ୍ତି । କୁକୁଡା ଘରଟିଏ ତିଆରି କରି ଏହାକୁ ସବୁଦିନିଆ କାମରେ ପରିଣତ କରିବାକୁ ସେ ଠିକ୍ କରିଛନ୍ତି ।

# ସୁକାନ୍ତିର ସ୍ୱପ୍ନ ସାକାର ହେଲା


କୁନି ଝିଅ ରାଧା, ପୁରୁଣା ଫ୍ରକ୍ ଖଣ୍ଡିଏ ପିନ୍ଧିଥାଏ, ମୁଣ୍ଡର ନୁଖୁରା ଚୁଟି ସବୁ ଫରଫର ହୋଇ ଉଡୁଥାଏ । ରାଧା ମା ସୁକାନ୍ତି କାଖରେ ଗରା ଓ ହାତରେ ବାଲଟି ଧରି ଗାଁ ମୁଣ୍ଡରେ ଥିବା ଏକମାତ୍ର ନଳକୂଅକୁ ପାଣି ଆଣିବାକୁ ଚାଲିଥାନ୍ତି । ଗାଁ ଦାଣ୍ଡରେ ଖାଲି ପାଦରେ ରାହା ଧରି କାନ୍ଦି କାନ୍ଦି ମାଆ ପଛେ ପଛେ ଗୋଡେଇଥାଏ ରାଧା – ମା, ରୁଟି ଖାଇବି, ମା ରୁଟି ଖାଇବି । ସଞ୍ଜ ଗଡିଯିବା ଆଗରୁ ମାଆ ସବୁ ବାହାର ପାଇଟି ସାରି ଦେବାକୁ ତରତର ହେଉଥିବାବେଳେ ରାଧା ରୁଟି ଖାଇବାକୁ ଅଝଟ କରୁଥାଏ । ସରକାରୀ ରାସନରେ ଚାଉଳ ସହ ଗହମ ବି ମିଳେ । ଲୋକମାନେ ଗହମ ଆଣି ବାହାର ଗାଁରେ ଅଟା ପେଡାଇ ଆଣନ୍ତି । ସୁକାନ୍ତି ଗହମ ଆଣୁଥିଲେ ମଧ ବାହାର ଗାଁ ଅଟାକଳକୁ ଯାଇ ଅଟା ପେଡାଇବାକୁ ସମୟ ଅ□ନାହିଁ । ଦିନଯାକ ଘର କାମ, ମୂଲ ମଜୁରୀ କାମ, ଜଙ୍ଗଲରୁ ଜାଳେଣି ଆଣିବା, ରୋଷେଇ ପାଇଁ ପାଣି ସଂଗ୍ରହ କରିବା ଆଦି ନାନା କାମରେ ଧନ୍ଦି ହେଉଥାଏ ସେ । ତେଣୁ ପିଲାମାନଙ୍କ ଦାୟିତ୍ୱ ନେବାକୁ ସମୟ ବା ମିଳିବ କେଉଁଠୁ ? ନିଜକୁ ନିଜେ ବିରକ୍ତ ହୋଇଯାଉଥାଏ ସୁକାନ୍ତି । ଗାଁରେ ଯଦି ଅଟାକଳଟିଏ ଥାନ୍ତା, ଘର ପାଖରେ ଯଦି ପାଣିର ସୁବିଧା ଥାନ୍ତା ତାହେଲେ ଏମିତି ଦହଗଞ୍ଜ ହେବାକୁ ପଡନ୍ତା ନାହିଁ ।

ଉତ୍ତର ଘୁମୁସର ବନଖଣ୍ଡ ଅଧିନସ୍ଥ ମୁଜାଗଡ ବନାଞ୍ଚଳର ଗାଁଟିଏ  ମହାଗୁଡା । ଗାଁରେ ପ୍ରାୟ ୧୨୦ ଟି ପରିବାରର ୬୦୦ ଲୋକ ବାସ କରନ୍ତି । ଅଧିକାଂଶ ଲୋକ ଅଭାବି ଓ ଗରିବ ଶ୍ରେଣୀର । ଲୋକଙ୍କ ଚାଷଜମି କମ୍ ଥିବାରୁ ପୁରୁଷ ମାନେ କୁଲି ମଜୁରି ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ମହିଳା ମାନେ ଛୋଟମୋଟ ମଜୁରୀ କାମ, ମୁଡିଭାଜିବା, ଚଟି ବୁଣିବା ଆଦି କାମରୁ ରୁ ଯଥାକଷ୍ଟେ ପରିବାର ଚଳାଇଥାନ୍ତି । ଗାଁରେ ଓଡିଶା ବନା□କି ପ୍ରକଳ୍ପ – ଭାଗ ୨ କାର୍ଯ୍ୟକ୍ରମ ଆରମ୍ଭ ହେବାରୁ ସେମାନଙ୍କ ଜୀବନଜୀବିକାର ଉନ୍ନତୀ ପାଇଁ ଦୃଷ୍ଟି ଦିଆଗଲା । ଗାଁ ଲୋକମାନଙ୍କୁ ନେଇ ଏକ ବନ ସୁରକ୍ଷା ସମିତି ଗଢାଗଲା । ସେହିପରି ମହିଳା ମାନଙ୍କୁ ନେଇ ମହିଳାଦଳ ମାନ ଗଢାଗଲା । କାର୍ଯ୍ୟକ୍ରମରେ ସହଯୋଗ କରୁଥିବା ସ୍ୱାତୀ ଅନୁଷ୍ଠାନ ତରଫରୁ ମହିଳା ଦଳ ଗୁଡିକୁ ମାସିକ ସଂଚୟ, ବ୍ୟାଙ୍କ ଯୋଗାଯୋଗ ସହ ବିଭିନ୍ନ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ପାଇଁ ଉତ୍ସାହିତ କରାଗଲା । ସୁକାନ୍ତି ମଧ ଗାଁର ଏକ ମହିଳା ଦଳର ସଭ୍ୟା ଥିଲେ । ତାଙ୍କର ଦଳଟି ନୀୟମିତ ସଂଚୟ ଓ ବ୍ୟାଙ୍କ ଯୋଗାଯୋଗ ଯୋଗୁଁ ଗାଁରେ ଏକ ଅଗ୍ରଣୀ ଦଳ ହିସାବରେ ବିବେଚିତ ହେଲା ଏବଂ ବ୍ୟାଙ୍କ ତରଫରୁ ଋଣ ପାଇ କିଛି ରୋଜଗାର ଭିତ୍ତିକ କାର୍ଯ୍ୟ କରିବା ପାଇଁ ଯୋଗ୍ୟ ବିବେଚିତ ହେଲେ । ସୁକାନ୍ତିଙ୍କ ଦଳର ସମସ୍ତ ସଭ୍ୟାମାନେ ବସି କେଉଁ ରୋଜଗାର ଭିତ୍ତିକ ଯୋଜନା କରିବେ ବୋଲି ଆଲୋଚନା କଲେ । ବିଚାର କଲେ ଯେ, ଗାଁରେ ଅଟାକଳଟିଏ ନଥିବାରୁ ସେମାନଙ୍କୁ ବାହାର ଗାଁକୁ ଯିବାକୁ ପଡୁଛି । ଏବେ ରାସନ ଗହମ ମିଳୁଥିବାରୁ ଅଧିକାଂଶ ପରିବାର ଅଟା ପେଡାଉଛନ୍ତି । ତେଣୁ ସେମାନେ ଅଟାକଳ ବସାଇଲେ ତାହା ଗାଁ ଲୋକଙ୍କୁ ସାହାଯ୍ୟ ହେବା ସହିତ ରୋଜଗାର ମଧ ବଢି ପାରିବ ।

ପ୍ରକଳ୍ପ କର୍ମୀ ଓ ସ୍ୱାତୀ ଅନୁଷ୍ଠାନର କର୍ମୀ ମାନଙ୍କ ସହାୟତାରେ ସୁକାନ୍ତିଙ୍କ ମହିଳା ଦଳକୁ ବ୍ୟାଙ୍କ ଋଣ ମିଳିବାର ବ୍ୟବସ୍ଥା କରାଗଲା । ସେମାନେ ଋଣ ଟଙ୍କାରେ ଦୁଇଟି ଅଟାକଳ କିଣି ଗାଁରେ ବସାଇଲେ । ଗୋଟିଏ କଳରେ କେବଳ ଗହମ ଚୁନା କରିବା ବେଳେ ଅନ୍ୟ କଳରେ ମାଣ୍ଡିଆ, ଚାଉଳ ଆଦି ଅନ୍ୟାନ୍ୟ ଜିନିଷ ଚୁନା କଲେ । ଗାଁରେ ଦୁଇଟି କଳ ବସିବାରୁ ଗାଁ ଲୋକେ ବହୁତ ସୁବିଧା ପାଇପାରିଲେ । ଏବେ ସେମାନଙ୍କର କଳ ଦୁଇଟି ବେଶ୍ ଭଲ ଚାଲିଛି ଏବଂ ସେଥିରୁ ଦଳକୁ ରୋଜଗାର ମଧ ମିଳିପାରୁଛି । ଦଳର ସଭ୍ୟାମାନେ ନିଜେ ଦାୟିତ୍ୱ ନେଇ କଳ ଚଳାଉଛନ୍ତି । ଗାଁରେ ବନାଂଚଳ ଯୋଜନାରେ ପ୍ରତି ଘରକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ମଧ କରାଯାଇଛି । ଏହି ସବୁ କାର୍ଯ୍ୟ ସୁକାନ୍ତିଙ୍କ ପରି ମହିଳା ମାନଙ୍କୁ କାମର ବୋଝ ହ୍ରାସ କରିବା ସହ ରୋଜଗାର ସୁବିଧା ଦେଇ ସ୍ୱାବଲମ୍ବୀ କରିପାରିଛି ।

ଏବେ ରାଧାର ଅଝଟ ଓ ସୁକାନ୍ତିଙ୍କ ବିରକ୍ତ ଭାବ ଆଉ ନାହିଁ । ମହିଳା ଦଳ ମାଧମରେ ବ୍ୟାଙ୍କ, ବ୍ଲକ ଓ ପ□ୟତ ଆଦି ସହ ଯୋଗାଯୋଗ ଯୋଗୁଁ ସୁକାନ୍ତି ବାହାର ଚଳଣି ଓ ଉନ୍ନତୀ ବିଷୟରେ ଅନେକ ଅଭିଜ୍ଞତା ହାସଲ କରିଛନ୍ତି । ରାଧା କିପରି ଅଧିକ ପାଠ ପଢି ଶିକ୍ଷିତା ହେବ ସେଥିପାଇଁ ତା ନାଁରେ ବ୍ୟାଙ୍କରେ କିଛି କିଛି ସଂଚୟ କରୁଛନ୍ତି ସୁକାନ୍ତି । ପରିବାରକୁ ଭଲରେ ଚଳାଇବାକୁ ସବୁମତେ ଉଦ୍ୟମ କରୁଛନ୍ତି ।

## କରୋନା ସମୟରେ ରୋଜଗାର ସହାୟତା ଦେଲା ଗୋଷ୍ଠୀଗତ ମାଛଚାଷ



ଗଞ୍ଜାମ ଜିଲ୍ଲା ତାରସିଂ ବ୍ଲକ୍ ଅନ୍ତର୍ଗତ କ୍ଷେତମୁଣ୍ଡାଳି ପଞ୍ଚାୟତର ଆଦିବାସୀ ଗାଁଟିଏ ଗ୍ରାମଦେବତୀ । ଗାଁକୁ ଘେରି ରହିଛି ଜଙ୍ଗଲ । ଲୋକମାନେ ଚାଷ ଓ ମୂଲ ମଜରୀରୁ ପରିବାର ଚଳାନ୍ତି । କରୋନା ମହାମାରୀ ସମୟରେ ଗଞ୍ଜାମ ଜିଲ୍ଲା ଅଧିକ ସଂକ୍ରମଣ ପ୍ରବଣ ଥିବାରୁ କଟକଣାକୁ କଡାକଡି କରି ଦିଆଗଲା । ଲୋକମାନେ ଘରୁ ବାହାରକୁ ବାହାରିବାକୁ ଭୟ କଲେ । କଟକଣା କୋହଳ ହେଲାପରେ ମଧ ଗୋଟିଏ ଗାଁର ଲୋକ ଅନ୍ୟ ଗାଁକୁ ଯିବାକୁ ଭୟ କଲେ । ମାସ ମାସ ଧରି ଏହି ପରିସ୍ଥିତି ଲାଗି ରହିବାରୁ ମୂଲମଜୁରୀରୁ ଚଳୁଥିବା ପରିବାର ଗୁଡିକ ଅସୁବିଧାରେ ପଡିଲେ ।

ଏହି ଗାଁରେ ଉତ୍ତର ଘୁମୁସର ବନଖଣ୍ଡ ମାଧମରେ ଓଡିଶା ବନାଂଚଳ ଉନ୍ନୟନ କାର୍ଯ୍ୟକ୍ରମ – ଭାଗ ୨ ଚାଲୁଅଛି । ସ୍ଥାନୀୟ ବନବିଭାଗ ଓ କ୍ଷେତ୍ର ପରିଚାଳନା ୟୁନିଟ୍ ସହ ସ୍ୱାତୀ ଅନୁଷ୍ଠାନ ଗାଁ ସ୍ତରରେ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରୁଛନ୍ତି । ଗାଁରେ ମହିଳା ମାନଙ୍କୁ ସଙ୍ଗଠିତ କରାଯାଇ ମା ସରସ୍ୱତୀ ସ୍ୱୟଂସହାୟିକା ଦଳଟିଏ ଗଢାଯାଇଛି । ଦଳର ସଭ୍ୟାମାନେ ନିୟମିତ ସଂଚୟ କରିବା ସହ ବିଭିନ୍ନ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ମାନ କରୁଛନ୍ତି । କରୋନା ସମୟ ବେଳକୁ ଏହି ମହିଳାମାନେ ପରିବା ଚାଷ କରିଥିଲେ । ତେବେ କରୋନା କଟକଣା ଯୋଗୁଁ ପରିବା ସବୁ ବିକ୍ରି ହେବାରେ ସମସ୍ୟା ଦେଖାଦେଲା । ତେଣୁ ଏଥିରୁ ଆଶାନୁରୁପ ଲାଭ ପାଇପାରିଲେ ନାହିଁ । ପରିବାର ଗୁଡିକର ରୋଜଗାର ଅସୁବିଧାକୁ ଲକ୍ଷ୍ୟକରି ସେମାନଙ୍କୁ ଗାଁ ପୋଖରୀରେ ମାଛଚାଷ ପାଇଁ ସ୍ୱାତୀ ଓ କ୍ଷେତ୍ର ପରିଚାଳନା ୟୁନିଟ୍‌ର କର୍ମୀମାନେ ବ୍ୟବସ୍ଥା କଲେ ।

ଦଳର ମହିଳାମାନେ ସେମାନଙ୍କ ଗାଁରେ ଥିବା ବଡ ବନ୍ଧଟିକୁ ୩ ବର୍ଷପାଇଁ ଲିଜ୍ ନେଲେ । ମତ୍ସ୍ୟବିଭାଗ ସହ ଯୋଗାଯୋଗ କରାଯାଇ ସେମାନଙ୍କୁ ମାଛଚାଷ କୌଶଳ ସଂପର୍କରେ ତାଲିମ ଦିଆଗଲା । ମତ୍ସ୍ୟବିଭାଗ ତରଫରୁ ସେମାନଙ୍କୁ ମାଛ ଜାଆଁଳ ଓ ଅନ୍ୟାନ୍ୟ ଆନୁସଙ୍ଗୀକ ଖର୍ଚ୍ଚ ଯୋଗାଇ ଦିଆଗଲା । ଏବେ ଦଳର ସଭ୍ୟାମାନେ ପୋଖରୀର ପରିଚାଳନା, ମାଛ ଜାଆଁଳ ମାନଙ୍କୁ ନୀୟମିତ ଖାଦ୍ୟଦେବା, ସେମାନଙ୍କ ବୃଦ୍ଧିକୁ ତଦାରଖ କରିବା ଆଦି ଦାୟିତ୍ୱମାନ ତୁଲାଉଛନ୍ତି । ମାଛଚାଷ ଏକ ଲାଭଜନକୁ ଧନ୍ଦା ହୋଇଥିବାରୁ ଏଥିରୁ ସେମାନେ ନିଶ୍ଚୟ ଅଧିକ ରୋଜଗାର ପାଇବେ ବୋଲି ଆଶା କରାଯାଉଛି ।

## କରୋନାକାଳୀନ ଅଭାବଗ୍ରସ୍ତ ଚାଷୀଙ୍କୁ ବାଟ ଦେଖାଇଲେ ପଞ୍ଚାନନ



ଗତ ଦୁଇବର୍ଷ ହେବ ଲାଗିରହିଥିବା କରୋନା କଟକଣା ଯୋଗୁଁ ଚାଷୀମାନେ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି । ସେମାନେ କରିଥିବା ପନିପରିବା, ମକା, ମାଣ୍ଡିଆ ଆଦି କୃଷିଜାତ ଜିନିଷ ଗୁଡିକ ଠିକ ସମୟରେ ଉଚିତ ଦରରେ ବିକ୍ରି କରି ନପାରି କ୍ଷତିର ସମ୍ମୁଖୀନ ହୋଇଛନ୍ତି । ବିଭିନ୍ନ ଋତୁକାଳୀନ ପରିବା ଉତ୍ପାଦନ କରି ସେମାନେ ସ୍ଥାନୀୟ ବଜାରରେ ବିକିଥାନ୍ତି ଓ ସେଥିରେ ପରିବାରର ଗୁଜୁରାଣ ମେଂଟାଇଥାନ୍ତି । ସେହିପରି ମକା, ମାଣ୍ଡିଆ, ସୁଆଁ, ଡାଲି, ରାଶି ଆଦି ସମୟାନୁସାରେ ବ୍ୟବସାୟୀ ମାନଙ୍କୁ ବିକି କିଛିକିଛି ରୋଜଗାର କରିଥାନ୍ତି ।

କିନ୍ତୁ ଗତ ଦୁଇବର୍ଷ ହେବ ଅଧିକାଂଶ ସମୟ ବଜାର ବନ୍ଦ ରହିବା, କଟକଣା ଯୋଗୁଁ ବ୍ୟବସାୟୀ ମାନେ ନଆସିବା ଏବଂ କ୍ରୟମୂଲ୍ୟ କମ୍ ରଖିବା ଯୋଗୁଁ ଚାଷୀମାନଙ୍କ ସାମଗ୍ରୀ ସବୁ ନଷ୍ଟ ହେବା ସହ ସେମାନଙ୍କ ଚାଷଖର୍ଚ୍ଚ ମଧ ଉଠି ପାରିନାହିଁ । ଚାଷରେ ମଜୁରୀ, ବିହନ ଓ ସାର, ଔଷଧରେ ଚାଷୀମାନେ ବହୁତ ଖର୍ଚ୍ଚାନ୍ତ ହୋଇଛନ୍ତି । କରୋନାକାଳୀନ ଅଭାବୀ ବିକ୍ରି ଯୋଗୁଁ ସେମାନଙ୍କ ଚାଷ ଖର୍ଚ୍ଚ ଭରଣା ହୋଇ ପାରିନଥିବାବେଳେ ଆସନ୍ତା ଚାଷରତୁ ପାଇଁ ବଜାରରୁ ସାର ଔଷଧ କିଣିବା ପାଇଁ ସେମାନେ ସକ୍ଷମ ହୋଇପାରୁନାହାନ୍ତି । ଅନ୍ୟପକ୍ଷରେ ବଜାରରେ ସାର ଔଷଧର ଦରବୃଦ୍ଧି ସେମାନଙ୍କୁ ଅଧିକ ଅସୁବିଧାରେ ପକାଇଛି । ତେବେ ଏହି ପରିସ୍ଥିତିରେ ଇନ୍ଦ୍ରଗଡ ଅଂଚଳର ଅଗ୍ରଣୀ ଚାଷୀ ପ□ନନ ଦଳବେହେରାଙ୍କ ଜୈବିକ ଚାଷ ପଦ୍ଧତି ଚାଷୀମାନଙ୍କୁ ନୂଆ ରାସ୍ତା ଦେଖାଇଛି ।



କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ୍‌ର ଇନ୍ଦ୍ରଗଡ ପ□ୟତ । କନ୍ଧମାଳ ଓ ଗଞ୍ଜାମ ସୀମାନ୍ତର ଦୁର୍ଗମ ଘାଟି ଓ ଜଙ୍ଗଲ ଅଂଚଳରେ ଅବସ୍ଥିତ ଏହି ପ□ୟତଟି । ଆଭ୍ୟନ୍ତରିଣ ଅଂଚଳରେ ରହିଥିବା ଏହି ପଞ୍ଚାୟତର ଗାନ୍ଧାରଭୂଇଁ ଗାଁରେ ପଞ୍ଚାନନଙ୍କ ଘର । ପ□ନନଙ୍କୁ ଏବେ ବୟସ ଷାଠିଏରୁ ଅଧିକ ହେଲାଣି । ସେସବୁ ଅଂଚଳରେ ଆଗରୁ ପାଠପଢିବାର ବିଶେଷ ସୁବିଧା ନଥିବାରୁ ସେ ପିଲା ଦିନରୁ ହିଁ ଚାଷକାମରେ ଅଭ୍ୟସ୍ତ ।  ସେହି ଦୁର୍ଗମ ଜଙ୍ଗଲୀ ଗାଁରେ ଲୋକମାନେ ଚାଷ, ଜଙ୍ଗଲୀ ଜିନିଷ ସଂଗ୍ରହ ଓ ପଶୁପାଳନକୁ ଜୀବିକା ହିସାବରେ ଗ୍ରହଣ କରିଥାନ୍ତି । ପଞ୍ଚାନନ ମଧ ପିଲାବେଳୁ ବାପାଙ୍କ ସହ ମିଶି ଚାଷ କୌଶଳକୁ ଆପଣେଇ ନେଇଥିଲେ । ଚାଷରୁ ଶସ୍ୟ, ଡାଲି, ପରିବା, ତୈଳବୀଜ ଆଦି ସମସ୍ତ ସଂଗ୍ରହ କରିବାକୁ ପଡୁଥିଲା । ଜମିସବୁ ପାହାଡିଆ ଓ ପଦର କିସମ ହୋଇଥିବାରୁ ଧାନଚାଷ କମ୍ ହେଉଥିଲା । ତେବେ ଜମିର ଅବସ୍ଥିତିକୁ ଧରି ସେମାନେ ଧାନ ସହ ମାଣ୍ଡିଆ, ମକା, ରାଶି, କାନ୍ଦୁଲ, ମୁଗ, ବିରି, ଶୋରିଷ ଓ ବିଭିନ୍ନ ପରିବା ଚାଷ କରୁଥିଲେ । ଘରୋଇ ଖର୍ଚ୍ଚ ତୁଲାଇବା ପାଇଁ ପାଣିଜାଗା ଦେଖି ଶୀତଦିନିଆ ପରିବା ଚାଷ କରୁଥିଲେ । ଏହି ପ୍ରାକୃତିକ ଚାଷ ପ୍ରଣାଳୀ ଉପରେ ତାଙ୍କର ବେଶ୍ ଦକ୍ଷତା ଥିଲା । ବିଭିନ୍ନ ଫସଲର ଗୁଣ, ଉତ୍ପାଦନ, ଜମି ପ୍ରସ୍ତୁତି କୌଶଳ, ବିହନ ଚୟନ ଓ ସଂରକ୍ଷଣ, ମିଶ୍ରିତ ଚାଷ କୌଶଳ ଆଦି ବିଷୟରେ ସେ ଧୁରନ୍ଧର ଥିଲେ । ତେବେ ଚାଳିଶ ବର୍ଷ ତଳେ ଯୋତେବେଳେ ଅଧିକ ଅମଳକ୍ଷମ ଧାନ ଚାଷ ଓ ରାସାୟନିକ ପ୍ରୟୋଗର ଚାଷ ବ୍ୟବସ୍ଥା ଗାଁ ଗୁଡିକରେ ପ୍ରସାର ଲାଭ କଲା, ଜଣେ ଅଗ୍ରଣୀ ଚାଷୀ ହିସାବରେ ପଞ୍ଚାନନ ତାକୁ ଆଦରିନେଲେ । ପ୍ରଥମେ କିଛି ବର୍ଷ ଏହି ଚାଷରୁ

ବେଶ୍ ଲାଭ ମଧ ମିଳିଲା । ତେବେ ଧିରେ ଧିରେ ସେ ଅନୁଭବ କଲେ ଯେ, ଏହି ଚାଷରୁ ଅମଳ ଅଧିକ ମିଳିଲେ ମଧ ଖର୍ଚ୍ଚ ବହୁତ ଅଧିକ ବଢି ଯାଇଛି । ଆଗରୁ ନିଜ ଜମିର ଅବସ୍ଥିତିକୁ ଦେଖି ସେ ଫସଲ ଚୟନ କରୁଥିଲେ । ବିଭିନ୍ନ ପ୍ରକାର ବିହନ ସାଇତିଥିଲେ ଏବଂ ସମୟ ସୁବିଧା ଦେଖି ତାହା ଲଗାଉଥିଲେ । କିନ୍ତୁ ସରକାରୀ ବିହନ ତାଙ୍କୁ ନିର୍ଦ୍ଦିଷ୍ଟ ସମୟ ଭିତରେ ଲଗାଇବାକୁ ପଡୁଛି । ସେଥିପାଇଁ ମଜୁରୀ ଅଧିକ ଖର୍ଚ୍ଚ ହେଉଛି । ରାସାୟନିକ ସାର ଓ ଔଷଧ ମଧ ଅଧିକ ଖର୍ଚ୍ଚ ହେଉଛି । ସମୁଦାୟ ଖର୍ଚ୍ଚକୁ ମିଶାଇଲେ ତାହା ଉତ୍ପାଦନ ଅନୁପାତରେ ବହୁତ କମ୍ ରହୁଛି । ସେହିପରି ଧାନଚାଷ ଉପରେ ଗୁରୁତ୍ୱ ଦେବାଦ୍ୱାରା ସେ ମକା, ମାଣ୍ଡିଆ ଆଦି ଅନ୍ୟାନ୍ୟ ଫସଲ ଗୁଡିକ କରି ପାରୁନାହାଁନ୍ତି । ଆଗରୁ ନିଜ ପାଖରେ ଅନେକ ପ୍ରକାର ବିହନ ରଖୁଥିଲେ ମଧ ଏବେ ନିଜେ ବିହନ ରଖି ପାରୁନାହାନ୍ତି । ସେହିପରି ଫସଲ ଗୁଡିକର ସ୍ୱାଦରେ ମଧ ବହୁତ ପରିବର୍ତ୍ତନ ହୋଇଛି । ସାର, ଔଷଧ ପଡୁଥିବା ଫସଲ ବ୍ୟବହାର ଦ୍ୱାରା ପରିବାରର ସ୍ୱାସ୍ଥ୍ୟହାନୀ ଘଟୁଛି । ଜଣେ ପୋଖତ ଚାଷୀ ହିସାବରେ ସେ ଅନୁଭବ କଲେ ଯେ ଯଦି ଏହାର ବିକଳ୍ପ ସେ ଚିନ୍ତା ନକରିବେ ତାହେଲେ ହୁଏତ ଦିନେ ତାଙ୍କୁ ଚାଷରେ ବହୁତ କ୍ଷତି ସହିବାକୁ ପଡିବ ।

ଏହି ସମୟରେ ସେ ସ୍ୱାତୀ ଅନୁଷ୍ଠାନର କର୍ମୀ ଗିରିଶ ଚନ୍ଦ୍ର ସାମଲଙ୍କ ସଂସ୍ପର୍ଶରେ ଆସନ୍ତି ଏବଂ ସେ ତାଙ୍କୁ ଜୈବିକ ଖତ ସାର ପ୍ରସ୍ତୁତି ଓ ପ୍ରୟୋଗ ସଂପର୍କରେ ଉତ୍ସାହିତ କରନ୍ତି । ବିଭିନ୍ନ ଜୈବିକ ଖତ ସାରର ପ୍ରସ୍ତୁତି କୌଶଳ ସଂପର୍କରେ ସେ ତାଙ୍କୁ ବତାଇ ଦିଅନ୍ତି । ତାଙ୍କ ପ୍ରେରଣାରେ ପଞ୍ଚାନନ ପ୍ରଥମେ କମ୍ପୋଷ୍ଟ ଖତ, ହାଣ୍ଡିଖତ ଓ ଜୀବାମୃତ ଆଦି କିଛି ଜୈବିକ ଖତ ପ୍ରସ୍ତୁତ କଲେ । ତାଙ୍କର ନିଜର ଗାଈଗୋରୁ ଥିବାରୁ ଗୋବର ଓ ଗୋମୂତ୍ର ସଂଗ୍ରହ କରିବାରେ କିଛି ଅସୁବିଧା ହେଲା ନାହିଁ । ସେପରି ଏସବୁ ପାଇଁ ଆବଶ୍ୟକୀୟ ନିମ୍ବ, ଅରଖ ପତ୍ର, ଗୁଡ, ରସୁଣ ଆଦି ସଂଗ୍ରହ କଲେ । ଖତ ପ୍ରସ୍ତୁତ କରି ପ୍ରଥମେ ପନିପରିବା ଫସଲରେ ବ୍ୟବହାର କଲେ । ଅନୁଧ୍ୟାନ କଲେ ଯେ ଏହା ଫସଲ ବୃଦ୍ଧି ଓ ରୋଗପୋକ ନିୟନ୍ତ୍ରଣରେ ଭଲ କାମ ଦେଉଛି । ସେହିପରି ପରବର୍ଷ ବୀଜାମୃତ, ନିମାସ୍ତ୍ର, ନିମାର୍କ ଓ ଜିଆଖତ ଆଦି ପ୍ରସ୍ତୁତ କରି ନିଜେ କରୁଥିବା ଧାନଚାଷ ସହ ସମସ୍ତ ଫସଲରେ ପ୍ରୟୋଗ କଲେ । ସେହିପରି ଫସଲର ଉତ୍ପାଦନ ବୃଦ୍ଧି ପାଇଁ ଶ୍ରୀ ପଦ୍ଧତିରେ ଧାନଚାଷ, ଏସ୍.ଏମ୍.ଆଇ ପଦ୍ଧତିରେ ମାଣ୍ଡିଆ, ମକା, ସରଗମ୍ ଆଦି ଚାଷ କଲେ । ବିଭିନ୍ନ ଫସଲର ମିଶ୍ରିତ ଚାଷ ମଧ କଲେ । ବିହନ ବିଶୋଧନ, ଜୈବିକ ହର୍ମୋନ୍ ପ୍ରୟୋଗ ଆଦି କୌଶଳ ଗ୍ରହଣ କଲେ । ଏଥିରେ ନିଜ ଫସଲ ଉତ୍ପାଦନ ବହୁତ ଭଲ ହେଉଥିବା ସେ ଲକ୍ଷ୍ୟ କଲେ । ଏହାପରେ ନିଜ ଚାଷରେ ସେ ଧିରେ ଧିରେ ରାସାୟନିକ ସାର ଔଷଧ ପ୍ରୟୋଗ କମାଇ ଆଣିଲେ । ଏବେ ସେ ଆଦୌ ରାସାୟନିକ ପ୍ରୟୋଗ କରୁନାହାନ୍ତି । ଏହାଦ୍ୱାରା ତାଙ୍କର ସାର ଔଷଧ ବାବଦ ଖର୍ଚ୍ଚ ବଂଚି ପାରୁଛି ବୋଲି ସେ ମତ ଦିଅନ୍ତି । ଗତ ୨୦୧୯ ମସିହାରେ ସେ ଜୈବିକ ପ୍ରଣାଳୀରେ ଏକକାଳିନ ୧୬ ପ୍ରକାର ମାଣ୍ଡିଆ ଚାଷ କରି ଓଡିଶା ମିଲେଟ୍ ମିଶନ ଦ୍ୱାରା ପୁରସ୍କୃତ ହୋଇ ଥିଲେ । ବର୍ତ୍ତମାନ ସମୟରେ ଚାଷୀମାନେ ନିଜେ ଅଭାବରେ ଥାଇ ବଜାରରେ ରାସାୟନିକ ସାର ଔଷଧର ଚଢାଦର ଯୋଗୁଁ ବ୍ୟତିବ୍ୟସ୍ତ ଥିବାବେଳେ ପଞ୍ଚାନନଙ୍କ ଜୈବିକ ଚାଷ କୌଶଳ ସେମାନଙ୍କୁ ନୂଆରାସ୍ତା ଦେଖାଉଛି । ପଞ୍ଚାନନ ଗାଁ ତଥା ପାଖ ପଡୋଶୀ ଗାଁର ଚାଷୀମାନଙ୍କୁ ଜୈବିକ ପଦ୍ଧତିରେ ଚାଷ ପାଇଁ ଉତ୍ସାହିତ କରୁଛନ୍ତି । ଅଂଚଳର ଚାଷୀମାନେ ତାଙ୍କଠାରୁ ପ୍ରେରଣା ପାଇ ପରିସ୍ଥିତିରୁ ମୁକୁଳିବାକୁ ଏବେ ଜୈବିକ ପଦ୍ଧତିରେ ଚାଷ ଆରମ୍ଭ କରିଛନ୍ତି ।

# ଲକ୍‌ଡାଉନ୍ ଶିଖାଇଲା ରୋଜଗାରର ରାସ୍ତା



କ.ନୂଆଗାଁ ବ୍ଲକ୍ ସାରଙ୍ଗଗଡ ଗାଁର ଜଲି ନାୟକ । ସ୍ଥାନୀୟ କଲେଜରେ ଯୁକ୍ତ୩ ଶ୍ରେଣୀରେ ପଢନ୍ତି । ଚାରି ଭଉଣୀ ଓ ବାପା ମାଆଙ୍କୁ ନେଇ ତାଙ୍କର ଛ ଜଣିଆ ପରିବାର । ଚାଷ ଜମି ବହୁତ କମ୍ । ବାପା ଶିବରାମ ଛୋଟମୋଟ ବ୍ୟବସାୟ କରି ପରିବାର ଚଳାନ୍ତି । କରୋନା ସମୟରେ ସାରା ରାଜ୍ୟରେ ଲକ୍‌ଡାଉନ୍ ଘୋଷଣା ଯୋଗୁଁ ବାପାଙ୍କର ବ୍ୟବସାୟ ବନ୍ଦ ହୋଇଯିବାରୁ ପରିବାର ଉପରେ ଅଭାବ ଘନେଇ ଆସିଲା । କଲେଜ ବନ୍ଦ ଥିବାରୁ ଜଲି ଘରେ ରହୁଥିଲେ । ଘରର ଅଭାବ ସମୟର ଦୁରାବସ୍ଥା ତାଙ୍କୁ ବହୁତ ଦୁଖି ଦେଲା । ଆଗରୁ ଜଲି ନିଜ ଅଂଚଳରେ ସ୍ୱାତୀ ଅନୁଷ୍ଠାନ ଦ୍ୱାରା ହେଉଥିବା ଅନନ୍ୟା କାର୍ଯ୍ୟକ୍ରମରେ ଅଗ୍ରଣୀ ଭୂମିକା ତୁଲାଉଥିଲେ । ସେ ସ୍ୱାତୀ ଦ୍ୱାରା ସ୍ୱାସ୍ଥ୍ୟ ଓ ଜୀବନ କୌଶଳ ସଂପର୍କିତ ପ୍ରଶିକ୍ଷଣ ମଧ୍ୟ ନେଇଥିଲେ । ଅଂଚଳରେ ବାଲ୍ୟ ବିବାହ ନିରୋଧ ଅଭିଯାନରେ ସାମିଲ ହେବା ସହ ଗାଁରେ କିଶୋରୀ ମହିଳା ଦଳ ଗଢି ସେମାନଙ୍କୁ ପାଠ ପଢିବା ଓ ରୋଜଗାର ଭିତ୍ତିକ କାମ କରିବା ପାଇଁ ଉତ୍ସାହିତ କରୁଥିଲେ । ତେବେ କରୋନା ଲକ୍‌ଡାଉନ୍ ସମୟର ଦୁରାବସ୍ଥା ତାଙ୍କ ପାଇଁ ଏକ ପରୀକ୍ଷା ସଦୃଶ ଥିଲା ।

ଲକ୍‌ଡାଉନ୍ ସମୟରେ ପରିବାରକୁ କିଛି ଆର୍ଥିକ ସହାୟତା କରିବା ପାଇଁ ସେ ମନସ୍ଥ କଲେ । ବାପା ଘରେ ରହୁଥିବାରୁ ତାଙ୍କ ମୋବାଇଲ୍ ନେଇ ସେଥିରୁ ଛତୁଚାଷର କୌଶଳ ଶିଖିଲେ ଏବଂ ନିଜେ ଛତୁ ଫାର୍ମଟିଏ କରିବା ପାଇଁ ଯୋଜନା କଲେ । ଛତୁଚାଷ ପାଇଁ ଆବଶ୍ୟକୀୟ ନଡା, ବାଉଁଶ, ପଲିଥିନ୍ ଓ ଛତୁ ମଞ୍ଜି ଆଦି କିଣିବା ପାଇଁ ପ୍ରାୟ ୧୨ ହଜାର ଟଙ୍କା ଆବଶ୍ୟକ ଥିଲା । ଛତୁ ଚାଷ କରି କିଛି ରୋଜଗାର କରିବେ ବୋଲି ସେ ସ୍ୱାତୀ କର୍ମୀଙ୍କ ସହ ଆଲୋଚନା କଲେ । ସ୍ୱାତୀ ତରଫରୁ ପ୍ରାରମ୍ଭିକ ସହାୟତା ସ୍ୱରୁପ ତାଙ୍କୁ ୫ ହଜାର ଟଙ୍କା ସହାୟତା ଦିଆଗଲା । ବାପା ମଧ୍ୟ କରଜ ଆଣି ଆଉ ୭ ହଜାର ଟଙ୍କା ଦେଲେ । ସେ ଆବଶ୍ୟକୀୟ ସରଞ୍ଜାମ ସବୁ କିଣି ଛତୁ ଚାଷ ଆରମ୍ଭ କରିଦେଲେ । ଭଉଣୀମାନେ ମଧ୍ୟ ଏକାମରେ ତାଙ୍କୁ ସାହାଯ୍ୟ କଲେ । ଭାଡି ତିଆରିକରି, ନଡା କାଟି ଛତୁ ମଞ୍ଜି ପକାଇଲେ ଓ ନୀୟମିତ ତାର ତଦାରଖ କଲେ । କିଛି ଦିନ ପରେ ଛତୁ ଉତ୍ପାଦନ ଆରମ୍ଭ ହେଲା । ପ୍ରଥମ ଥର ସେ ୭୦ କିଲୋ ଯାଏଁ ଛତୁ ଉତ୍ପାଦନ କଲେ । ସ୍ଥାନୀୟ ସାରଙ୍ଗଗଡ ବଜାରରେ କିଲୋ ପ୍ରତି ୨୦୦ ଟଙ୍କାରେ ବିକ୍ରି କରି ସେ ୧୪ ହଜାର ଟଙ୍କା ପାଇଲେ । ବାପା କରଜ ଆଣିଥିବା ଟଙ୍କା ଶୁଝିଦେଇ ପୁଣି ଥରେ ମଞ୍ଜି ଆଣି ଚାଷ ଆରମ୍ଭ କରିଛନ୍ତି । ଛତୁ ଚାଷରୁ ସବୁ ଖର୍ଚ୍ଚ ଯାଇ ମାସକୁ ୬/୭ ହଜାର ଟଙ୍କା ରୋଜଗାର କରିପାରିବେ ବୋଲି ସେ ଆଶା ରଖିଛନ୍ତି ।

ପାଠପଢୁଆ ଯୁବକ ଯୁବତୀ ମାନେ ଏହିପରି  ଦୁର୍ଦ୍ଦିନରେ ପରିବାରର ରୋଜାଗାର ପାଇଁ ନୂଆ ନୂଆ ରାସ୍ତା ବାହାର କଲେ ଅଭାବ ରହିବ ନାହିଁ । ଆଜିକାଲି ମୋବାଇଲ୍ ଓ ଇଂଟର୍‌ନେଟ୍ ଆଦି ଜରିଆରେ ରୋଜଗାରର ବିଭିନ୍ନ କୌଶଳ ସହଜରେ ଉପଲବ୍ଧ ହୋଇ ପାରୁଛି । ତାହାର ଉପଯୋଗ କରି ଯୁବକ ଯୁବତୀ ମାନେ ରୋଜଗାରର ବିଭିନ୍ନ ବାଟ ପାଇପାରିବେ ।  ପରିବାରର ଅଭାବ ସମୟରେ ଏହି ରୋଜଗାର ସହାୟତା କରିପାରୁଥିବାରୁ ବହୁତ ଆନନ୍ଦିତ ବୋଲି ମତ ଦିଅନ୍ତି ଜୁଲି । ତାଙ୍କର ଏହି କାମ ଗାଁର ଅନ୍ୟ କିଶୋରୀ ବାଳିକା ମାନଙ୍କୁ ବେଶ୍ ପ୍ରେରଣା ଯୋଗାଉଛି ।

## ଗାଁର ବୟସ୍କ ମାନଙ୍କୁ ମାନସିକ ବଳ ଦେଲେ ଉଷାରାଣି



୫୦ର ବର୍ଷ ବୟସ୍କା ଉଷାରାଣୀ ଦିଗାଲ । କ.ନୂଆଗାଁ ବ୍ଲକ୍ ଗୁଂଜିବାଡି ପଞ୍ଚାୟତର ମାତରପଦର ଗାଁରେ ଘର । ବାପା, ମାଆ, ଭାଇ ଓ ଜେଜିମା ଆଦିଙ୍କ ସହ ରୁହନ୍ତି । ଉଷାରାଣୀ ମାଟ୍ରିକ ପାଶ୍ ପରେ ଘରୋଇ ଅଭାବରୁ ଅଧିକ ପଢି  ନପାରି ସିଲେଇ ତାଲିମ ନେଇଥିଲେ । ଏହାପରେ କେରଳରେ ଏକ ସଂସ୍ଥାରେ କାମ କରିବାକୁ ଚାଲିଗଲେ । ତେବେ ସେଠାରେ ୫୦ମାସ ରହିବା ପରେ ଶାରିରିକ ଅସୁସ୍ଥତା ଓ ମଜୁରୀ ସମସ୍ୟା ଯୋଗୁଁ ଗାଁକୁ ଫେରି ଆସିଲେ । ଏହି ସମୟକୁ ସ୍ୱାତୀ ଅନୁଷ୍ଠାନ ଦ୍ୱାରା ଗାଁରେ ଚାଲିଥିବା ବାଲ୍ୟ ବିବାହ ନିରୋଧ ଅଭିଯାନ ଅନନ୍ୟାରେ ସାମିଲ ହେଲେ । ଜଣେ ଆଗଧାଡିର ନେତ୍ରୀ ହିସାବରେ ଗାଁରେ କିଶୋରୀ ମାନଙ୍କୁ ସଂଗଠିତ କରି କିଶୋରୀ ଦଳ ଗଢିଲେ । ସ୍ୱାତୀ ଦ୍ୱାରା ଦିଆଯାଉଥିବା ଜୀବନ କୌଶଳ ତାଲିମ ନେଇ ଭବିଷ୍ୟତରେ କିପରି ନିଜେ ସକ୍ଷମ ଓ ରୋଜଗାରକ୍ଷମ ଜୀବନ ବଂଚି ପାରିବେ ସେ ବିଷୟରେ ପ୍ରେରଣା ପାଇଲେ । ଗାଁରେ ବାଳିକା ମାନଙ୍କୁ ସଂଗଠିତ କରି ଦୁଇଟି ବାଲ୍ୟ ବିବାହ ରୋକିବାରେ ସମର୍ଥ ହେଲେ । ନିଜେ ଉଦ୍ୟମରେ ଗାଁରେ ସିଲେଇ କେନ୍ଦ୍ରଟିଏ ଆରମ୍ଭ କରିବା ସହ ପୁଣିଥରେ କଲେଜରେ ନାମ ଲେଖାଇଲେ ।


ଯେତେବେଳେ କରୋନା ଆରମ୍ଭ ହେଲା ସେତେବେଳେ ଟିଭି ଓ ସମ୍ବାଦ ପତ୍ରରେ ଏ ସଂପର୍କିତ ଭୟପ୍ରଦ ଖବର ସବୁ ପଢିବାକୁ ମିଳିଲା । ତା ସହ ନାନା ଗୁଜବ ମିଶି ଲୋକମାନଙ୍କୁ ଅଧିକ ଭୟଭିତ କଲା । ସଟ୍‌ଡାଉନ୍ ଓ ଲକ୍‌ଡାଉନ୍ ଯୋଗୁଁ ଚାରିଆଡେ ବନ୍ଦ ରହିଲା । କରୋନା ପରୀକ୍ଷା ଓ ସଂକ୍ରମଣକୁ ଭୟକରି ଲୋକମାନେ ଡାକ୍ତରଖାନାକୁ ଯିବାକୁ

ଭୟକଲେ । ବୟସ୍କ ଲୋକମାନଙ୍କୁ ଏହି ରୋଗ ଶିଘ୍ର ଧରୁଛି ବୋଲି ପ୍ରଚାରିତ ହେବାରୁ ଗାଁର ବୟସ୍କ ମାନେ ବେଶି ଚିନ୍ତିତ ହୋଇ ପଡିଲେ । ତାଛଡା ଗାଁର ବୟସ୍କ ମାନେ ଅଧିକ ପରଂପରାବାଦୀ ଓ ଡାକ୍ତରୀ ଚିକିତ୍ସା ସଂପର୍କରେ ସଚେତନ ନଥିବାରୁ ରୋଗ ପ୍ରତି ସେମାନଙ୍କ ଭୟ ବଢିଗଲା । ଉଷାରାଣୀ ନିଜ ଘରେ ୮୦ ବର୍ଷିଆ ଜେଜେମାଙ୍କ ସହ ରହୁଥିଲେ । ରୋଗ ସମୟରେ ଜେଜେମାଙ୍କ ମାନସିକ ଅବସ୍ଥାକୁ ସେ ଅନୁମାନ କରିପାରିଲେ । ମୁହଁରେ ମାସ୍କ ପିନ୍ଧିବା କି ବାରମ୍ବାର ହାତ ଧୋଇବା ଆଦି ଅଭ୍ୟାସ ଜେଜେମାଙ୍କର ତ ନଥିଲା । ତାଛଡା ଲୋକମାନଙ୍କ ଭିତରେ ଚଳପ୍ରଚଳ ଓ ମିଳାମିଶା ବନ୍ଦ ହୋଇଯିବା ଯୋଗୁଁ ତାଙ୍କ ପାଖରେ ଘଡିଏ ଅଧେ ବସିବାକୁ କି ବୋଲହାକ ଟିକେ କରିଦେବାକୁ କେହି ମିଳୁନଥିଲେ । ସେ ବହୁତ ନିସଙ୍ଗ ଅନୁଭବ କରୁଥିଲେ ।  ଉଷାରାଣୀ ଭାବିଲେ ଗାଁର ସବୁ ବୟସ୍କ ଲୋକମାନେ ନିଶ୍ଚୟ ଏହିପରି ଅସୁବିଧା ଭୋଗୁଥିବେ । ସେମାନଙ୍କ ସହ ମିଳାମିଶା ନକଲେ ସେମାନେ ମାନସିକ ଭାବେ ଭାଙ୍ଗି ପଡିବେ । ତାଛଡା ସେମାନେ ସଂକ୍ରମଣର ପ୍ରତିଷେଧ ଗ୍ରହଣ ନକଲେ ସାଧାରଣ ଥଣ୍ଡା ବା ଜ୍ୱର ଆଦି ହେଲେ କରୋନା ହୋଇଛି ଭାବି ହତାଶ ହୋଇଯିବେ । ତେଣୁ ଉଷାରାଣୀ  ମୋବାଇଲ୍‌ରୁ କରୋନା ବେଳେ ମାସ୍କ ପିନ୍ଧିବା, ନୀୟମିତ ହାତ ଧୋଇବା ଆଦି ସଂପର୍କିତ ଖବର ଓ ସୂଚନା ଆଦି କାଢି ଜେଜେମାଙ୍କୁ ଦେଖାଇଲେ । ଅବସର ସମୟରେ ତାଙ୍କ ସହ ଗପରେ ମାତିଲେ, ମୋବାଇଲ୍‌ରୁ ବିଭିନ୍ନ କାହାଣୀ ଓ ସିରିଏଲ୍ ଆଦି ଦେଖାଇଲେ । ଲୋକଙ୍କ ସହ କଥାହେଲାବେଳେ କେମିତି ମୁହଁରେ ଲୁଗା ଢାଙ୍କିବେ, ମାସ୍କ ପିନ୍ଧିବେ ଆଦି ବୁଝାଇଲେ । ତାଙ୍କ କଥାନୁସାରେ ଜେଜେମା ମଧ ମାସ୍କ ପିନ୍ଧିଲେ ଓ ସମୟକୁ ସମୟ ହାତ ଧୋଇଲେ ।

ଉଷାରାଣୀ  କିଶୋରୀ ଦଳର ସଭ୍ୟାମାନଙ୍କୁ ଏକାଠି କରି ନିଜ ଘରେ ଥିବା ବୟସ୍କ ମାନଙ୍କୁ କରୋନା ସମୟରେ କିପରି ସହାୟତା କରିବେ ତାହା ବୁଝାଇଲେ । ସେମାନଙ୍କୁ ମାସ୍କ ପିନ୍ଧିବା, ହାତ ଧୋଇବା ଆଦି ଅଭ୍ୟାସ କରାଇବା ସହ ଦୈନିକ ସେମାନଙ୍କ ସହିତ ଗପ କରି ମାନସିକ ବଳ ଦେବାକୁ ସାଥିମାନଙ୍କୁ କହିଲେ । ତାଙ୍କ କଥା ଅନୁସାରେ ବାଳିକାମାନେ ଗାଁର ବୟସ୍କ ମାନଙ୍କୁ କରୋନା ସଚେତନ କରାଇବା ସହ ମାନସିକ ସହାୟତା ଦେଲେ ।



# କରୋନା ସଚେତନତା ସୃଷ୍ଟିକଲେ ଲୋକନୃତ୍ୟ ଦଳ



ସ୍ୱାତୀ ଅନୁଷ୍ଠାନ ତରଫରୁ ବ୍ରାହ୍ମଣପାଦ, କ,ନୂଆଗାଁ ଓ ଖଜୁରୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହାୟତାରେ ଅଭ୍ୟନ୍ତରୀଣ ଅଞ୍ଚଳର ୫୨ଟି ଗାଁରେ ଆଗରୁ ମ୍ୟାଲେରିଆ, ଡେଙ୍ଗୁ ଓ ଝାଡାବାନ୍ତି ଆଦି ରୋଗ ସଂପର୍କରେ ଲୋକନୃତ୍ୟ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାହୋଇ ଆସୁଥିବା ବେଳେ ଚଳିତ ବର୍ଷ କରୋନା ସଂପର୍କରେ ସଚେତନତା ସୃଷ୍ଟି କରାଯାଇଛି । ଫିରିଙ୍ଗିଆ ବ୍ଲକ୍ କାଶିନିପଦର ଅଂଚଳର କଶ୍ୟପ ଖମାରୀଙ୍କ ଲୋକପ୍ରିୟ ବୀଣାକାର ନୃତ୍ୟ ଦଳ ଗାଁ କୁ ଗାଁ ବୁଲି ନାଚ ଓ ଗୀତ ମାଧ୍ୟମରେ କରୋନା ସଚେତନତା ସୃଷ୍ଟି କରିଥିଲେ ।

କନ୍ଧମାଳର ଅଭ୍ୟନ୍ତରୀଣ ଆଦିବାସୀ ଗାଁ ଗୁଡିକରେ ଲୋକମାନଙ୍କ ଭିତରେ ରୋଗ ସଂପର୍କରେ ସଚେତନତା ବହୁତ କମ୍ । ତା ସହିତ ସରକାରୀ ତଥ୍ୟଗତ ସୂଚନା ସେମାନଙ୍କ ପାଖରେ ଠିକ୍ ଭାବେ ପହଞ୍ଚୁନଥିବାରୁ ସେମାନେ ରୋଗର କାରଣ ଓ ନିରାକରଣ ସଂପର୍କରେ ଜାଣିପାରିନଥାନ୍ତି । ରୋଗ ସଂପର୍କରେ ନାନା ଗୁଜବ ଶୁଣି ସେମାନେ ଭୟଭିତ ହୋଇଯାନ୍ତି । ସେହିପରି କିଛି ଅସଚେତନ ଲୋକ ସେମାନଙ୍କୁ ପୂଜାବିଧି ଆଦି କରିବାକୁ ପ୍ରବର୍ତ୍ତାନ୍ତି । କରୋନା ମହାମାରୀ ସମୟରେ ଆଭ୍ୟନ୍ତରୀଣ ଗାଁ ଗୁଡିକରେ ନାନା ପ୍ରକାର ଗୁଜବ ମଧ ବ୍ୟାପିଥିଲା । ମଦ ପିଉଥିବା ଲୋକଙ୍କୁ କରୋନା ହେବ ନାହିଁ, ଗୋବର ଓ ଗୋମୁତ୍ର ଆଦିରେ ହାତ ଧୋଇଲେ କରୋନା ସଂକ୍ରମଣ ହେବ ନାହିଁ ଆଦି ନାନା କଥା ଲୋକମାନଙ୍କ ଭିତରେ ପ୍ରଚାରିତ ହୋଇଥିଲା । ତେଣୁ କରୋନା ସଂପର୍କିତ ସଠିକ୍ ତଥ୍ୟ ଲୋକମାନଙ୍କ ପାଖରେ ପହଂଚାଇବା ପାଇଁ ସ୍ୱାତୀ ତରଫରୁ ଚିତ୍ର ସମ୍ବଳିତ ପୋଷ୍ଟର ସହ ଲୋକନୃତ୍ୟକୁ ମାଧ୍ୟମ କରାଯାଇଥିଲା ।

ଲୋକନୃତ୍ୟ ଦଳ ଗାଁ ଗୁଡିକୁ ଯାଇ ଲୋକମାନଙ୍କୁ କରୋନା ରୋଗର ଲକ୍ଷଣ, ଏଥିପାଇଁ ଥିବା ପରିକ୍ଷା ବ୍ୟବସ୍ଥା, ସରକାରୀ ଚିକିତ୍ସା ସୁବିଧା ଓ ସହାୟତା ଗୁଡିକ ବିଷୟରେ କୁଇ ଭାଷାରେ ଲୋକମାନଙ୍କୁ ବୁଝାଇଥିଲେ । ସେହିପରି କରୋନା ସଂକ୍ରମଣରୁ ସୁରକ୍ଷା ପାଇଁ ଜନ ଗହଳି ସ୍ଥାନକୁ ନଯିବା, ଲୋକ ସମାଗମ ହେବାପରି କାର୍ଯ୍ୟକ୍ରମ ମାନ ନକରିବା, ନୀୟମିତ ହାତ ଧୋଇବା ଏବଂ ମାସ୍କ ଲଗାଇବା, ଥଣ୍ଡା ଓ ଜ୍ୱର ଆଦି ଲକ୍ଷଣ ଦେଖାଦେଲେ ନିଜକୁ ଅନ୍ୟ ମାନଙ୍କ ଠାରୁ ଅଲଗା ରଖି କୋଭିଡ ସହାୟତା କେନ୍ଦ୍ରକୁ ଜଣାଇବା ଆଦି ବିଷୟରେ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମଟି ଗାଁ ଲୋକଙ୍କୁ ବେଶ୍ ଆକୃଷ୍ଟ କରିଥିଲା ଏବଂ ସେମାନେ କରୋନା ସଂପର୍କରେ ସଠିକ ତଥ୍ୟ ପାଇପାରିଥିଲେ ।

# କରୋନା ସମୟରେ ଗର୍ଭବତୀ ଓ ଅସହାୟ ରୋଗୀ ମାନଙ୍କୁ ସହାୟତା କଲା ବାଇକ୍ ଆମ୍ବୁଲାନ୍ସ ଓ ଡେଲିଭରି ଭ୍ୟାନ



କରୋନା କଟକଣା ସମୟରେ ସବୁଠାରୁ ଅଧିକ ଦୁର୍ଦ୍ଦଶାର ସମ୍ମୁଖିନ ହେଲେ ଗର୍ଭବତୀ ମହିଳା ଓ ରୋଗଗ୍ରସ୍ତ ଲୋକମାନେ । କରୋନା ସଂକ୍ରମଣର ଭୟାବହତା ଯୋଗୁଁ ଚିକିତ୍ସା କେନ୍ଦ୍ର ଗୁଡ଼ିକରେ ବହୁ ପ୍ରକାର କଟକଣା ରହିଲା । ସେ ଗୁଡ଼ିକ ସଂକ୍ରମଣ ବ୍ୟାପିବାର କେନ୍ଦ୍ରସ୍ଥଳ ହୋଇଥିବାରୁ ସେଠାକୁ ଯାଉଥିବା ସମସ୍ତ ରୋଗୀଙ୍କୁ କରୋନା ପରୀକ୍ଷା ବାଧ୍ୟତାମୂଳକ କରାଗଲା । ଅନେକ ଲୋକ କରୋନା ପରିକ୍ଷଣ ଭୟରେ ରୋଗ ହେଲେ ମଧ ଡାକ୍ତର ଆସିବାକୁ ଭୟକଲେ । ତାଛଡା ଅଧିକାଂଶ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ କରୋନା ଚିକିତ୍ସାରେ ନିୟୋଜିତ ରହିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ସେବା ମିଳିବାରେ ଡେରି ହେଲା । ରୋଗୀଟିଏ ଡାକ୍ତରଖାନାକୁ ଗଲେ ସବୁ ଦୋକାନବଜାର ବନ୍ଦ ରହୁଥିବାରୁ ଖାଦ୍ୟ ପାନୀୟ ଆଦି ପାଇବାରେ ଅସୁବିଧା ରହିଲା । ସବୁଠୁ ବେଶି ଅସୁବିଧା ଥିଲା ଗାଁଠାରୁ ଡାକ୍ତରଖାନା ପର୍ଯ୍ୟନ୍ତ ପରିବହନ । ଯାନବାହନ ସବୁ ବନ୍ଦ ହେବାରୁ ଓ ଡାକ୍ତରଖାନା ଯିବାକୁ କେହି ରାଜି ହେଉନଥିବାରୁ ଆଭ୍ୟନ୍ତରିଣ ଗାଁ ଗୁଡ଼ିକର ଲୋକମାନେ ଅସୁବିଧାର ସମ୍ମୁଖିନ ହେଲେ । ଏହାଦ୍ୱାରା ଗାଁର ଗର୍ଭବତୀ ମହିଳାମାନେ ଅଧରକ ସମସ୍ୟାରେ ପଡିଲେ । ଗର୍ଭବତୀ ଥିବାରୁ ଆଭ୍ୟନ୍ତରୀଣ ଗାଁ ଗୁଡ଼ିକରୁ ବିପଦ ସଙ୍କୁଳ ରାସ୍ତାରେ ସାଇକେଲ ବା ମୋଟର ସାଇକେଲରେ ବସି ଆସିବା ବିପଦପୂର୍ଣ୍ଣ ଥିଲା । ଆମ୍ବୁଲାନ୍ସ ଗୁଡ଼ିକ କରୋନା ସେବାରେ ନିୟୋଜିତ ରହିବାରୁ ଯଥା ସମୟରେ ତାହା ମିଳିପାରିଲା ନାହିଁ । ତେବେ ଏହିପରି ସମସ୍ୟା ବହୁଳ ପରିସ୍ଥିତିରେ ସ୍ୱାତୀ ସଂଯୋଜନାରେ ଚାଲିଥିବା ବାଇକ୍ ଆମ୍ବୁଲାନ୍ସ ଓ ଡେଲିଭରି ଭ୍ୟାନ ସେବା ଲୋକାମନଙ୍କୁ ବିଶେଷ ସହାୟକ ହେଲା ।

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍‌ଟିର ଅଧିକାଂଶ ଗାଁ ଦୁର୍ଗମ ଓ ପାହାଡିଆ ଅଂଚଳରେ ଅବସ୍ଥିତ ଥିବାରୁ ଗମନାଗମନ ଅଧିକ ସମସ୍ୟା ରହିଛି । ତେଣୁ ସେଠାରେ ଗର୍ଭବତୀ ମହିଳା ଓ ଅସହାୟ ରୋଗୀ ମାନଙ୍କୁ ପରିବହନ ସୁବିଧା ଯୋଗାଇଦେବା ନିମନ୍ତେ ୨୦୧୮ ମସିହାରୁ ସ୍ୱାତୀ ଅନୁଷ୍ଠାନ ଦ୍ୱାରା ଜିଲ୍ଲା ପ୍ରଶାସନ ଓ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ସହାୟତାରେ ବାଇକ୍ ଆମ୍ବୁଲାନ୍ସ ଓ ଡେଲିଭରି ଭ୍ୟାନ ସେବା ଆରମ୍ଭ କରାଯାଇଛି । ମୋଟର ଗାଡି ଯିବାକୁ ସୁବିଧା ନଥିବା ଗାଁ ଗୁଡ଼ିକରେ ବାଇକ୍ ଆମ୍ବୁଲାନ୍ସ ପହଂଚି ଗର୍ଭବତୀ ମହିଳା ଓ ବୟସ୍କ ରୋଗୀଙ୍କୁ ଡାକ୍ତରଖାନା ପର୍ଯ୍ୟନ୍ତ

ପହଂଚାଇ ଦିଆଯାଉଛି । ଏହି ବାଇକ୍‌ରେ ରୋଗୀ ବସି ପାରିବା ଭଳି ଏକ ଟ୍ରଲି ଯୋଡା ଯାଇଛି ଯାହାଫଳରେ ରୋଗୀ ଓ ଗର୍ଭବତୀ ମାନେ ନିରାପଦରେ ଯାଇ ପାରିବେ । ସେହିପରି ଡେଲିଭରି ଭ୍ୟାନରେ ଜଣେ ଡ୍ରାଇଭରଙ୍କ ସହ ଜଣେ ସ୍ୱାସ୍ଥ୍ୟକର୍ମୀ ଓ ଜଣେ ନର୍ସ ନିୟୋଜିତ ଅଛନ୍ତି । ଏଥିରେ ପ୍ରସବ ପାଇଁ ଆବଶ୍ୟକୀୟ ସମସ୍ତ ସୁବିଧା ରହିଛି । ଗାଁ ଗୁଡିକରୁ ଡାକ୍ତରଖାନା ଆସିବା ସମୟରେ ରାସ୍ତାରେ ଜରୁରୀକାଳୀନ ପ୍ରସବ ଆବଶ୍ୟକ ହେଲେ ନିରାପଦରେ ଏଥିରେ ପ୍ରସବ ସେବା ଯୋଗଇ ଦିଆଯାଇ ପାରୁଛି । ଫିରିଙ୍ଗିଆ ବ୍ଲକ୍‌ର ଚାରିଟି ପଞ୍ଚାୟତ ସାଡିଙ୍ଗିଆ, ପାଙ୍ଗା, ସୁମରବନ୍ଧ ଆଦିର ୭୩ଟି ଗାଁର ୩୦୭୮ଟି ପରିବାରକୁ ଏହି ସେବା ଯୋଗାଇ ଦିଆଯାଇ ଆସୁଛି ।




ଗତ କରୋନା ସମୟରେ ସଂପୃକ୍ତ ଗାଁ ଗୁଡିକର ଗର୍ଭବତୀ ମହିଳା ଏବଂ ଅସହାୟ ରୋଗୀ ମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେବାରେ ଏହି ବାଇକ୍ ଆମ୍ବୁଲାନ୍ସ ଓ ଡେଲିଭରି ଭ୍ୟାନ ବିଶେଷ ସହାୟକ ହେଲା । ଡେଲିଭରି ଭ୍ୟାନରେ ୫୦ ଜଣ ଗର୍ଭବତୀ ମହିଳା ପ୍ରସବ ସେବା ପାଇଲେ । ୭ ଜଣଙ୍କୁ ଭ୍ୟାନ୍‌ରେ ଜରୁରୀ ପ୍ରସବ ସହାୟତା ଦିଆଯିବା ସହ ୧୫ ଜଣଙ୍କୁ ମୁଖ୍ୟ ଚିକିତ୍ସାକେନ୍ଦ୍ର ଫୁଲବାଣୀକୁ ସ୍ଥାନାନ୍ତର କରାଯାଇଥିଲା । ୨୮ ଜଣ ସ୍ଥାନୀୟ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ସୁବିଧା ପାଇଥିଲେ । ସେହିପରି ବାଇକ୍ ଆମ୍ବୁଲାନ୍ସରେ ୧୪ ଜଣ ଗର୍ଭବତୀ ମହିଳା, ୨ ଜଣ ପିଲା ଓ ଜଣେ ବୟସ୍କ ରୋଗୀ ଚିକିତ୍ସାକେନ୍ଦ୍ରକୁ ପହଂଚି ପାରିଥିଲେ । ଏହି ସେବା ଉପଲବ୍ଧ ଥିବାରୁ କରୋନାକାଳୀନ ସମୟରେ ଗର୍ଭବତୀ ଓ ଅସହାୟ ଲୋକମାନେ ଚିକିତ୍ସା କେନ୍ଦ୍ରକୁ ଯିବାର ଆଶଙ୍କାରୁ ମୁକୁଳି ପାରିଛନ୍ତି । ଏହା ସେମାନଙ୍କୁ ଏକ ନିର୍ଭରଯୋଗ୍ୟ ଅଭୟ ଭାବେ ବିବେଚିତ ହୋଇ ପାରିଛି ।

ଏହି ଅଭିନବ ଉଦ୍ୟମ ପାଇଁ କନ୍ଧମାଳ ଜିଲ୍ଲା ପ୍ରଶାସନ ୨୦୨୦ ମସିହା ପାଇଁ ଜାତୀୟ ସ୍କଚ୍ ପୁରସ୍କାର ମଧ୍ୟ ହାସଲ କରିଛି ।

# କରୋନା ସଚେତନତା ସୃଷ୍ଟି କଲେ ମହିଳା ଓ କିଶୋରୀ ଦଳ



ରାଜ୍ୟରେ କରୋନା ମହାମାରୀ ଦିନକୁ ଦିନ ବ୍ୟାପିବାରେ ଲାଗୁଥିଲା । ପ୍ରବାସୀ ଶ୍ରମିକ ମାନେ ଗାଁକୁ ଫେରି ଆସିବା ପରେ ଗାଁ ଗୁଡିକରେ ସଂକ୍ରମଣ ସଂଖ୍ୟା ବଢିଗଲା । କନ୍ଧମାଳର ଅନେକ ଲୋକ ଜିଲ୍ଲା ବାହାରେ କାମଧନ୍ଦା କରିଥାନ୍ତି । କରୋନା ସଟ୍‌ଡାଉନ୍ ହେବାଯୋଗୁଁ ସେମାନେ ଗାଁକୁ ଫେରି ଆସିଲେ ।  ଆଖପାଖ ସହର ଗୁଡିକରୁ କିଏ ଚାଲିଚାଲି ଆଉ କିଏ ସାଇକେଲରେ ଗାଁରେ ପହଂଚିଲେ । ବାହାରୁ ଫେରିଥିବାରୁ ଗାଁରେ ପଶିବାକୁ ସେମାନଙ୍କ ପାଇଁ ମଧ କଟକଣା ରହିଥିଲା । ଦୁଇ ସପ୍ତାହ ସଙ୍ଗରୋଧ କେନ୍ଦ୍ରରେ ରହିବା ପରେ କରୋନା ପରୀକ୍ଷା କରି ସେମାନେ ଘରକୁ ଯାଉଥିଲେ । ପ□ୟତ ଦ୍ଵାରା ଗାଁ ଗୁଡିକରେ ସଙ୍ଗରୋଧ କେନ୍ଦ୍ର ସବୁ ପରିଚାଳନା କରାଯାଉଥିଲା । ତେବେ କରୋନା ପରୀକ୍ଷା ଭୟରେ କେହି କେହି ମଧ ଲୁଚିଛପି ଘରକୁ ପଳାଇ ଯାଉଥିଲେ । କନ୍ଧମାଳ ଜିଲ୍ଲାରେ ମଧ ଦିନକୁ ଦିନ କରୋନା ରୋଗୀଙ୍କ ସଂଖ୍ୟା ବଢିବାକୁ ଲାଗିଲା । କରୋନା ସଂକ୍ରମଣ ବିଷୟରେ ଟିଭି, ଖବରକାଗଜ ଆଦିରେ ତୁହାକୁ ତୁହା ଖବର ବାହାରୁଥିଲା । ପ୍ରତିଦିନ ଜିଲ୍ଲା ଗୁଡିକରେ ସଂକ୍ରମଣ ବଢୁଥିବାରୁ ଲୋକମାନେ ଛାନିଆ ହୋଇ ପଡୁଥିଲେ । ଧିରେ ଧିରେ ଗୋଷ୍ଠି ସଂକ୍ରମଣ ହେଲାଣି ଓ ଗାଁ ଗୁଡିକୁ ଏହା ବ୍ୟାପିଯିବ ବୋଲି ଗୁଜବ ଶୁଣିବାକୁ ମିଳୁଥିଲା । ଆଖପାଖ ଗାଁରେ କେହି ରୋଗି ବାହାରିବା ଖବର ମିଳିଲେ ଲୋକମାନେ ସେହି ଅଂଚଳକୁ ଯିବା ଆସିବା ବନ୍ଦ କରିଦେଲେ । ରୋଗୀଙ୍କ ପରିବାର ଲୋକେ ସାମାଜିକ ବାସନ୍ଦ ପରି ପରିସ୍ଥିତିର ସମ୍ମୁଖିନ ହେଲେ । ତେଣୁ ଏହି ପରିସ୍ଥିତିରେ ଗାଁ ଲୋକ ମାନଙ୍କୁ କିପରି ଠିକ୍ ଭାବେ କରୋନା ସଚେତନ କରିହେବ ଏବଂ ସେମାନଙ୍କ ମନରେ ଭୟ ନୁହେଁ ବରଂ ସାହସ ସୃଷ୍ଟି କରାଯାଇ ପାରିବ ସଥେପାଇଁ ସ୍ୱାତୀ ଅନୁଷ୍ଠାନ ତରଫରୁ ଯୋଜନା ପ୍ରସ୍ତୁତ କରାଗଲା ।




ସ୍ୱାତୀ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଗାଁ ଗୁଡିକରେ ୧୦୦୦ରୁ ଅଧିକ ମହିଳା ଦଳ ଏବଂ ୨୩୦ କିଶୋରୀ ବାଳିକା ଦଳ ଓ ୧୦୯ଟି କିଶୋର ଦଳ ରହିଛି । ସେମାନଙ୍କ ଭିତରୁ ଅଧିକାଂଶ ଦଳ ସହ ଫୋନ୍ ଯୋଗାଯୋଗ ବ୍ୟବସ୍ଥା ଉପଲବ୍ଧ । କରୋନା ଲକ୍‌ଡାଉନ ଯୋଗୁଁ ଗାଁ ଗୁଡିକୁ ଯିବା ସମ୍ଭବ ନ ହେବାରୁ ସେମାନଙ୍କୁ ଇ□ରନେଟ୍ ମାଧ୍ୟମରେ ଗାଁରେ କିପରି କରୋନା ସଚେତନତା ସୃଷ୍ଟି କରିହେବ ଓ ଲୋକମାନଙ୍କୁ ସଠିକ ତଥ୍ୟ ଓ ମାସ୍କ ଆଦି ଯୋଗାଇ ହେବ ସେ ସମ୍ପର୍କରେ ବୁଝାଇ ଦାୟିତ୍ୱ ଦିଆଗଲା । ଲୋକମାନଙ୍କୁ ଜରୁରୀ କାମ ନଥିଲେ ଘରୁ ବାହାରକୁ ନଯିବା, କାହା ସହିତ ହାତ ନମିଶାଇବା. ପରସ୍ପର ଠାରୁ ଶାରିରୀକ ଦୂରତା ବଜାୟ ରଖିବା, ଏକାଠି ବସି ଖଟି ନକରିବା ଓ ତାସ୍ ଆଦି ନଖେଳିବା, ବାହାରକୁ ବାହରିଲେ ମୁହଁରେ ମାସ୍କ ପିନ୍ଧିବା, ବାହାରୁ ଫେରିଲେ ମୁହଁ, ହାତ ଗୋଡ ପରିଷ୍କାର ଧୋଇହେବା, ନୀୟମିତ ବ୍ୟବଧାନରେ ହାତ ଧୋଇବା ଏବଂ ନାକ, ଆଖି ପାଟି ଆଦିକୁ ବାରମ୍ବାର ନଛୁଇଁବା ଆଦି କରୋନା ପ୍ରତିଷେଧ ଗୁଡିକୁ ମହିଳା ଓ କିଶୋରୀ ଦଳର ସଭ୍ୟାମାନେ ଗାଁ ଲୋକଙ୍କୁ ବୁଝାଇଥିଲେ । ସେମାନେ ଚକ୍‌ଖଡିରେ କାନ୍ଥରେ କରୋନା ନୀୟମ ସବୁ ଲେଖିଥିଲେ । ସେହିପରି କେତେକ ଗାଁରେ ଲୋକମାନଙ୍କୁ ସଚେତନ କରିବା ପାଇଁ ଗାଁ ମୁଣ୍ଡରେ ରହି ଗାଁକୁ ପଶୁଥିବା ଲୋକମାନଙ୍କୁ ହାତ ଧୁଆଇବା ସହ ମୁହଁରେ ମାସ୍କ ପିନ୍ଧାଇବା ଆଦି କାର୍ଯ୍ୟ କରୁଥିଲେ । ମହିଳା ଦଳ ଗୁଡିକ ପ୍ରାୟ ୧୦ ହଜାର ମାସ୍କ ପ୍ରସ୍ତୁତି କରି ସର୍ବନିମ୍ନ ମୂଲ୍ୟରେ ଗାଁ ଲୋକଙ୍କୁ ଯୋଗାଇବା ଏବଂ ଅସହାୟ ତଥା ବୟସ୍କ ମାନଙ୍କୁ ମାଗଣାରେ ବାଂଟିବା ଆଦି କାର୍ଯ୍ୟ କରିଥିଲେ । ସେମାନେ ଗାଁ ଲୋକମାନଙ୍କୁ ହାତଧୁଆ ଓ ମାସ୍କ ପିନ୍ଧିବା କୌଶଳ ମଧ ଶିଖାଇଥିଲେ । କରୋନାକୁ ନେଇ ବ୍ୟାପୁଥିବା ମିଛ ଗୁଜବ ଯଥା - ମଦ ପିଉଥିବା ଲୋକଙ୍କୁ କରୋନା ହେବ ନାହିଁ, ଗୋବର ଓ ଗୋମୁତ୍ର ପିଇବା ଦ୍ୱାରା କରୋନା ହେବ ନାହିଁ, କରୋନା କମାଇବା ପାଇଁ ପୂଜାବିଧି କରିବା ଆଦି ମିଛକଥା ଗୁଡିକ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ । ସେହିପରି ରୋଗ, ରାସନ ସଂଗ୍ରହ ଆଦି ଜରୁରୀ ସେବା ପାଇଁ ଉଦ୍ଦିଷ୍ଟ ସହାୟକ ବ୍ୟବସ୍ଥା ଓ ଜରୁରୀକାଳୀନ ଯୋଗାଯୋଗ ନମ୍ବର ଗୁଡିକ ବିଷୟରେ ଗାଁ ଲୋକଙ୍କୁ ଜଣାଉଥିଲେ । ଅସହାୟ ଓ ବୟସ୍କ ଲୋକମାନେ ଯେପରି ଉପାସ ନରହିବେ ତାର ତଦାରଖ କରୁଥିଲେ ।  ମହିଳା ଦଳ ଓ କିଶୋରୀ ଦଳ ଗୁଡିକ ସଚେତନତା କାର୍ଯ୍ୟକ୍ରମରେ ଜଡିତ ରହିବାରୁ ସେମାନଙ୍କ ଜରିଆରେ ପରିବାର ଲୋକଙ୍କ ଭିତରେ ଏହି ବାର୍ତ୍ତା ଅତି ଶିଘ୍ର ପ୍ରଚାରିତ ହୋଇ ପାରିଲା । ସେହିପରି ସେମାନେ ପରିବାରର ଦାୟିତ୍ୱ ନେଉଥିବାରୁ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରହିପାରିଲା ।

# କରୋନା ବେଳେ ଶିଶୁ ମାନଙ୍କୁ ଆନନ୍ଦ ଦେଲା ସୃଜନଶୀଳ ଶିକ୍ଷା



କରୋନା ଜନିତ ଅବସ୍ଥା କେବଳ ଜୀବନଜୀବିକା ଉପରେ ପ୍ରଭାବ ପକାଇନାହିଁ ଏହା ଶିକ୍ଷା, ବିଶେଷ କରି ଶିଶୁ ଶିକ୍ଷା ଉପରେ ଅନେକ ପ୍ରତିକୂଳ ପ୍ରଭାବ ପକାଇଛି । କରୋନା ଆରମ୍ଭ ଠାରୁ ଏ ପର୍ଯ୍ୟନ୍ତ ଶିଶୁ ମାନେ ନିଜର ଶୈଶବ ସାଧିନତା ଓ ଆନୁଷ୍ଠାନିକ ଶିକ୍ଷା ସୁବିଧା ହରାଇ ଚାଲିଛନ୍ତି । କରୋନା ଆରମ୍ଭ ସମୟରୁ ଏ ପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟ ଗୁଡିକ ବନ୍ଦ ରହିଛି । ଅଙ୍ଗନବାଡି କେନ୍ଦ୍ର ଗୁଡିକ ମଧ ଦୀର୍ଘ ମାସ ହେବ ବନ୍ଦ ରହିଥିଲା । ଶିଶୁ ଅବସ୍ଥା ସାଧାରଣତଃ ଚପଳ ଅବସ୍ଥା ଓ ଏହି ସମୟରେ ସେ ଆବଦ୍ଧ ହୋଇ ରହିବାକୁ ପସନ୍ଦ କରେ ନାହିଁ । କରୋନା ଆରମ୍ଭ ସମୟରେ ବାହାରକୁ ବାହାରିବା ଉପରେ ପ୍ରତିବନ୍ଧକ ହେବାରୁ ସେମାନେ ବାହାରେ ସାଙ୍ଗସାଥି ମାନଙ୍କ ସହ ଖେଳକୁଦ କରିବା ଓ ବୁଲାବୁଲି କରିବା ବନ୍ଦ ହୋଇଗଲା । ଗାଁରେ ମେଳା ମହୋତ୍ସବ, ଯାନି ଯାତ୍ରା ଆଦି ଯାହା ଶିଶୁ ମାନଙ୍କୁ ଖୁସି ଦେଉଥିଲା ତାହା ବନ୍ଦ ରହିଲା । ତେଣୁ ତା ପାଇଁ ଆନନ୍ଦ ପାଇବାର କୌଣସି ସାଧନ ନଥିଲା । ଘର ଭିତରେ ଅଧିକାଂଶ ସମୟ ଆବଦ୍ଧ ରହିବାରୁ ସେ ମାନସିକ ଚାପରେ ରହିଲା । ତେବେ ଏହି ସମୟରେ  ଶିଶୁ ମାନଙ୍କୁ ଏକ ସୃଜନଶୀଳ ପଦ୍ଧତିରେ ବ୍ୟସ୍ତ ରଖିବାକୁ ସ୍ୱାତୀ ବ୍ୟବସ୍ଥା କଲା ।

ସ୍ୱାତୀ ଦ୍ୱାରା କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍‌ର ୧୪ ଗ୍ରାମ ପଞ୍ଚାୟତର ୧୨୨ଟି ଗାଁରେ ଶିଶୁ ମାନଙ୍କୁ ପ୍ରାକ୍ ପ୍ରାଥମିକ ସ୍ତରରୁ ଗୁଣାତ୍ମକ ଶିକ୍ଷା ପ୍ରଦାନର ବ୍ୟବସ୍ଥା ସହ ସେମାନଙ୍କ ଅନ୍ତର୍ନିହିତ ସକ୍ଷମତାର ବିକାଶ ପାଇଁ  ସମସ୍ତ ବନ୍ଦୋବସ୍ତ କରିବା ନିମନ୍ତେ ପ୍ରାକ୍ ପ୍ରାଥମିକ ଶିକ୍ଷା ପ୍ରକଳ୍ପ (ଫେରାରୀ ଏଜୁକେସନ ପ୍ରୋଜେକ୍ଟ) ଚାଲୁ ରହିଥିଲା । ଏଥିରେ ୬ଟି ଆଇ.ସି.ଡି.ଏସ୍ ସେକ୍ଟରର ୧୦୦ଟି ଅଙ୍ଗନବାଡି ଓ ୫୦ଟି ସରକାରୀ ସ୍କୁଲ୍‌କୁ ସାମିଲ କରାଯାଇଥିଲା । ସମୁଦାୟ ଅଂଚଳର ୩ ବର୍ଷରୁ କମ୍ ୨୩୧୦ ଜଣ ପିଲା ଏବଂ ୩ରୁ ୬ ବର୍ଷ ବୟସ ମଧରେ ଥିବା ୧୯୫୪ ଜଣ ପିଲା ଏଥିରେ ଜଡିତ ଥିଲେ । ତେବେ କରୋନା ଯୋଗୁଁ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ଗୁଡିକ ବନ୍ଦ ରହିବାରୁ ଶିଶୁ ମାନଙ୍କ ଶିକ୍ଷା ବାଧାପ୍ରାପ୍ତ ହେଲା । କରୋନା କଟକଣା କୋହଳ ହେବାପରେ ସ୍ୱାତୀର କର୍ମୀମାନେ ଏହି ସବୁ ଗାଁ ଗୁଡିକୁ ଯାଇ ଶିଶୁ ମାନଙ୍କ ଅବସ୍ଥା ଅନୁଧାନ କଲେ । ଶିଶୁ ମାନଙ୍କୁ ଚିତ୍ରାଙ୍କନ, ଗପ, ଗୀତ ଓ ନାଚ ଆଦି ସୃଜନଶୀଳ

ଶିକ୍ଷା ପଦ୍ଧତିରେ ନିୟୋଜିତ ରଖିବାକୁ ଗାଁର ଆଗ୍ରହୀ କିଶୋର ବାଳିକା ଓ ବାଳକ ମାନଙ୍କୁ ଚିହ୍ନଟ କରାଗଲା । ସେମାନଙ୍କୁ ଶିଶୁ ମାନଙ୍କୁ କିପରି କରୋନା ନୀୟମ ଅନୁସାରେ ଖୋଲା ଜାଗାରେ ଏକାଠି କରାଇବେ, ସାବୁନରେ ହାତଧୁଆ ଓ ମୁହଁ ଢାଙ୍କିବା ଶିଖାଇବେ, ଚିତ୍ରାଙ୍କନ କରାଇବେ, ଚିତ୍ର, କାହାଣୀ ଓ ଗୀତ ମାଧମରେ ପିଲା ମାନଙ୍କୁ ଶିଖାଇବେ ତାହା ବୁଝାଇ ଦିଆଗଲା । ଦୈନିକ ଘଂଟାଏରୁ ୨ ଘଂଟା ପିଲା ମାନଙ୍କୁ ଅଙ୍ଗନବାଡି କେନ୍ଦ୍ର ବାରଣ୍ଡା ବା ଖୋଲା ଜାଗାରେ ପିଲାମାନଙ୍କୁ ଏହି ଶିକ୍ଷା ଦେବାର ବ୍ୟବସ୍ଥା କରାଗଲା । ସେହିପରି ଏହି କାର୍ଯ୍ୟକ୍ରମ ମାଧମରେ ଆଗରୁ ଘରେ ବାପା ମାଆ ମାନେ ପିଲାଙ୍କ ପାଇଁ କିପରି ଶିକ୍ଷଣ ସାମଗ୍ରୀ ତିଆରି କରିବେ ତାହା ପ୍ରଶିକ୍ଷଣ ଦିଆଯାଇଥିଲା । ସ୍ୱାତୀର କର୍ମୀମାନେ ବାପା ମାଆଙ୍କୁ ଭେଟି ପିଲା ସହ ମିଶି ମାଟିରେ, ବ୍ୟବହୃତ ଦିଆସିଲି, ବୋତଲ, ପଟି ଆଦି ବ୍ୟବହାର କରିବାକୁ ଉତ୍ସାହିତ କଲେ ।

ଏହି କାର୍ଯ୍ୟରେ ପ୍ରାୟ ୧୬୦୦ ପିଲା ନିୟୋଜିତ ରହିଲେ । ଏହାଦ୍ୱାରା ସେମାନେ ଘରୋଇ ଆବଦ୍ଧତା ଓ ସଙ୍ଗହୀନ ଜନିତ ମାନସିକ ଚାପରୁ ମୁକ୍ତ ରହିଲେ । ତାସହ ଖେଳ କୌତୁକ ମାଧମରେ ପାଠ ମଧ ପଢିପାରିଲେ ।

ଘରୋଇ ଆବଦ୍ଧତା କାରଣରୁ ଶିଶୁ ମାନେ ଶାରିରୀକ ବ୍ୟାୟାମ ଓ ଖେଳକୁଦରୁ ନିବୃ□ରହିଲେ । ଏହା ସେମାନଙ୍କର ଶାରିରୀକ ଶ୍ୱାସକ୍ରିୟାକୁ ଶିଥିଳ କରିଦେବାର ଆଶଙ୍କା ଉପୁଜିଲା । ତେଣୁ ସେମାନଙ୍କୁ ଶ୍ୱାସକ୍ରିୟା ବ୍ୟାୟାମରେ ନିୟୋଜିତ ରଖିବା ପାଇଁ ସ୍ୱାତୀ ତରଫରୁ ବେଲୁନ ଫୁଙ୍କା ଖେଳ କରାଗଲା । ଫିରିଙ୍ଗିଆ ବ୍ଲକ୍‌ର ବାଲନ୍ଦାପଡା, କୁଇରିମାଣ୍ଡୁ, ପାହିରାଜୁ ଓ ଲୁଇସିଙ୍ଗି ପଞ୍ଚାୟତର ୪୫ଟି ଗାଁରେ ଶିଶୁ ମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଗଲା । ପିଲାମାନଙ୍କୁ ବେଲୁନ୍ ଯୋଗାଇ ଦିଆଗଲା ଏବଂ ସେମାନେ ଆଗ୍ରହରେ ଏହି ଅଭ୍ୟାସ ଜାରି ରଖିଲେ ।



# ଚାଷୀ ଓ ଖାଉଟିଙ୍କ ସୁବିଧା ଯୋଗାଇଲା ଭ୍ରାମ୍ୟମାଣ ପରିବା ବିକ୍ରୟ କେନ୍ଦ୍ର




କରୋନା ମହାମାରୀ ବ୍ୟାପିବାରୁ ୨୦୨୦ ମାର୍ଚ୍ଚ ମାସରୁ ମେ ମାସ ପର୍ଯ୍ୟନ୍ତ ସାରା ଦେଶ ତାଲାବନ୍ଦ ରହିଲା । ଗମନାଗମନ ଓ ବ୍ୟବସାୟ ଆଦି ସବୁ ଠପ୍ ହୋଇଗଲା । ଖରାଦିନ ସମୟ । ଖରାଟିଆ ପନିପରିବା ଚାଷରୁ ଚାଷିମାନେ କିଛି ରୋଜଗାର କରିବେ ବୋଲି ଆଶା ବାନ୍ଧିଥିଲେ । କନ୍ଧମାଳର ଅନେକ ଅଂଚଳରେ ଖରାଦିନିଆ ପରିବା ଚାଷ ହୁଏ । ଫୁଲବାଣୀ, ବ୍ରହ୍ମପୁର ଓ ଭୁବନେଶ୍ୱର ବଜାରକୁ ଚାଷୀମାନେ ପରିବା ପଠାନ୍ତି । ଆଖପାଖ ହାଟ ବଜାରରେ ସ୍ଥାନୀୟ ପରିବା ବହୁଳଭାବେ ଉପଲବ୍ଧ ହୁଏ । କିନ୍ତୁ କରୋନା କଟକଣା ଯୋଗୁଁ ଚାଷୀମାନେ ନିଜ ଉତ୍ପାଦିତ ପରିବା ବାହାରକୁ ପଠାଇ ପାରିଲେ ନାହିଁ । ଗାଁକୁ ବ୍ୟବସାୟୀ ମଧ ଆସିଲେ ନାହିଁ । ବଗିଚାରେ ପରିବା ସେମିତି ପଡି ରହିଲା । ଏଣେ କିନ୍ତୁ ବଜାରରେ ପରିବା ନିଅଂଟ ପଡିଲା ଓ ଖାଉଟି ମାନେ ଚଢ଼ାଦରରେ ପରିବା କିଣିଲେ । ଏହି ପରିସ୍ଥିତିକୁ ନଜରରେ ରଖି ସ୍ୱାତୀ ତରଫରୁ ଭ୍ରାମ୍ୟମାଣ ପରିବା ବିକ୍ରୟ କେନ୍ଦ୍ର ଆରମ୍ଭ କରାଗଲା ।

ଗୋଟିଏ ଭ୍ୟାନ୍ ଯୋଗେ ଚାଷୀମାନଙ୍କ ଠାରୁ ପରିବା କିଣାଯାଇ ଗାଁ ଗୁଡିକରେ ବୁଲି ବୁଲି ବିକ୍ରୟ କରାଗଲା । ଏହି ଭ୍ୟାନ୍ ଚାରିଟି ବ୍ଲକ୍ ଅଂଚଳର ଗାଁ ଗୁଡିକୁ ନୀୟମିତ ବୁଲିଲା । ପରିବା ସହିତ ଏଥିରେ ଅନ୍ୟ ତେଜରାତି ସାମାନ ମଧ ନିଆଗଲା । ଗାଁରେ ଲୋକମାନେ କୋଭିଡ ନୀୟମ ମୁତାବକ ଉଚିତ ମୂଲ୍ୟରେ ଆବଶ୍ୟକୀୟ ଜିନିଷ ସଂଗ୍ରହ କଲେ । ଚାଷୀମାନେ ମଧ ନିଜ ପରିବା ସଠିକ୍ ଦରରେ ବିକ୍ରି କରିପାରିଲେ । ଦୀର୍ଘ ୨୭ ଦିନଧରି କଟକଣା କୋହଳ ହେବା ପର୍ଯ୍ୟନ୍ତ ଏହି ଭ୍ରାମ୍ୟମାଣ ପରିବା ବିକ୍ରୟ କେନ୍ଦ୍ର ଚାଲୁ ରହିଲା ।

ସ୍ୱାତୀ କନ୍ଧମାଳ, ଓଡିଶା

Social Welfare Agency & Training Institute (SWATI)
At/Po : Paburia, Dist : Kandhamal - 762112, Odisha
E-mail : swati_pab@yahoo.co.in, Website : www.swatiodisha.org

